



# ପୂଜା ପାଇଁ ପ୍ରସ୍ତୁତ ହେଉଛି ନକଲି ଗୁଟ୍‌ଖା

ଭୁବନେଶ୍ୱର, ୧୯ ।୯ (ସମିସ): ଆଗକୁ ଆସୁଛି ପାର୍ବଣ ଋତୁ । ଏହି ପାର୍ବଣରେ ମାଫିଆମାନେ ନିଜ ପକେଟ ଗରମ କରିବାରେ ଲାଗିଯିବେ । ସେମାନେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ଏବଂ ଗୁଟଖାକୁ ନକଲି କରି ବିକ୍ରି କରିବେ । କାରଣ ପୂଜାରେ ବିଭିନ୍ନ ଛକ ବଜାରରେ ଥିବା ଅସ୍ଥାୟୀ ଦୋକାନରେ ଗୁଟ୍‌ଖା ଅଧିକ ପରିମାଣରେ ବିକ୍ରି ହେବ । ଏହାର ସୁଯୋଗରେ କିଛି ନକଲି ଗୁଟ୍‌ଖା

**■ ଖଜୁରି ମଞ୍ଜି, ତାଳରୁ ହେଉଛି ନକଲି ଦାନା**



ବିକ୍ରି କରାଯିବ । ଫଳରେ ଲୋକେ ଅସଲି ଭାବି ଏହି ନକଲି ଗୁଟ୍‌ଖା ଖାଇବେ । ଏହି ନକଲି ଗୁଟ୍‌ଖା ଖଜୁରୀ ମଞ୍ଜି ଏବଂ ତାଳ ମଞ୍ଜିରୁ ପ୍ରସ୍ତୁତ କରାଯାଉଛି ।

ରାଜ୍ୟର ୧୫ରୁ ଅଧିକ ନକଲି ଗୁଟ୍‌ଖା ପ୍ରସ୍ତୁତ କରୁଥିବା ସଂସ୍ଥା ଏବେଠି ତାର ପ୍ରସ୍ତୁତି ଜୋରଦାର କରି ଦେଲେଣି । ପୁଲିସ ଏବଂ ଖାଉଟି ବିଭିନ୍ନ ଧରପଗଡ଼ ଜୋରଦାର କଲେ ସବୁ କିଛି ପଦାକୁ ଆସିବ । ଓଡ଼ିଶା ସରକାର ଓଡ଼ିଶାରେ ଗୁଟ୍‌ଖାକୁ ବିକ୍ରି ନିଷେଧ କରିଛନ୍ତି । କିନ୍ତୁ ସରକାରୀକଳର ନିଷ୍କ୍ରିୟତାରୁ ମାଫିଆମାନେ ରାଜଧାନୀରେ ନକଲି ଗୁଟ୍‌ଖା ବେପାର କରିବାକୁ ସାହାସ ଜୁଟାଉଛନ୍ତି । ଓଡ଼ିଶାରେ ଏବେ ସହର ଠାରୁ ଗାଁ ପର୍ଯ୍ୟନ୍ତ କର୍କଟ ସୃଷ୍ଟିକାରୀ ବିଭିନ୍ନ କିସମର ଗୁଟଖା ଠାରୁ ଆରମ୍ଭକରି ବିଭିନ୍ନ ରୋଗ ସୃଷ୍ଟିକାରୀ ପାନମସଲା ଓ ତମ୍ବାଖୁ ଆଦି ବହୁ ଭାବେ ବିକ୍ରି ହେଉଛି । ରାଜ୍ୟ ସରକାର କିନ୍ତୁ ୨୦୧୩ ମସିହାରୁ ଏହିସବୁ ସାମଗ୍ରୀର ଉତ୍ପାଦନ, ମହଜୁଦ, ବିକ୍ରି ଆଦି ରାଜ୍ୟରେ ହୋଇପାରିବନାହିଁ ବୋଲି ଆଇନ୍ କରିଛନ୍ତି । ଯଦି କିଏ ଆଇନ ଉଲ୍ଲଙ୍ଘନ କରିବ ତେବେ ସିଏ ଦଣ୍ଡିତ ହେବ । ହେଲେ ସରକାରଙ୍କର ଏହି କଟକଣାକୁ ପ୍ରାୟତଃ କେହି ମାନୁନାହାନ୍ତି । ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜୁରାଟ, ହରିଆଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଆଦିର ରାଜ୍ୟରୁ ଦୈନିକ ଟ୍ରକ ଟ୍ରକ ଗୁଟଖା ଓ ତମ୍ବାଖୁ ଆଦି ଓଡ଼ିଶା ବଜାରରେ ପ୍ରବେଶ କରୁଛି । ଏହିସବୁ ସାମଗ୍ରୀ ଓ ଏହାର ବ୍ୟବସାୟୀଙ୍କ ଉପରେ ଚଢଉ ହେଉନଥିବାରୁ ସେମାନେ ରାଜ୍ୟ ପ୍ରଶାସନକୁ ଭୟ କରୁନାହାନ୍ତି । ସେମାନଙ୍କ ସହିତ ନକଲି ମାଫିଆମାନେ ଅସଲି ଗୁଟ୍‌ଖା ଜାଗାରେ ନକଲି ଗୁଟ୍‌ଖା ବିକ୍ରି କରୁଛନ୍ତି ।

ସବୁଠାରୁ ବଡ଼ କଥା ହେଲା ଗୋଟିଏ ହାତରେ ରାଜ୍ୟ ସରକାର ଏହିସବୁ ସାମଗ୍ରୀକୁ ନିଷିଦ୍ଧ କରିଥିବାବେଳେ ଅନ୍ୟ ହାତରେ ତାହା ଉପରୁ ଟିକସ ଆଦାୟ କରୁଛନ୍ତି । ଗତ ୧୨ବର୍ଷ ମଧ୍ୟରେ ଏଥିରୁ ୫ହଜାର କୋଟି ଟଙ୍କାରୁ ଅଧିକ ଟିକସ ଆଦାୟ କରିସାରିଲେଣି । ୨୦୨୩-୨୪ ବର୍ଷରେ ଆଦାୟ ଟିକସର ପରିମାଣ ୧୦୧୨ କୋଟି ଟଙ୍କାକୁ ଟପିଯାଇଛି । ନିଷିଦ୍ଧ ସାମଗ୍ରୀ ଉପରୁ କିଭଳି ସରକାରୀକଳ ଟିକସ ଆଦାୟ କରୁଛି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି । ଯେହେତୁ ଅର୍ଥ ବିଭାଗ ଟିକସ ଆଦାୟ କରୁଛି, ତେଣୁ ଅନ୍ୟ ବିଭାଗଗୁଡିକ ଚଢଉ କରୁନାହାନ୍ତି । ସରକାରଙ୍କର ଏଭଳି କୋହଳ ମନୋଭାବ ଦେଖି ଅନ୍ୟ ରାଜ୍ୟର ଗୁଟଖା ବ୍ୟବସାୟୀମାନେ ଏବେ ଓଡ଼ିଶାକୁ ସେମାନଙ୍କର ପ୍ରମୁଖ ବ୍ୟବସାୟସ୍ଥଳ ଭାବେ ବାଛି ନେଇଛନ୍ତି । ଏଥିଯୋଗୁଁ ଏବେ ଗାଁ ଗହଳର ପିଲାମାନେ ଗୁଟଖା ଅଭ୍ୟସ୍ତ ହେଉଛନ୍ତି ଓ ଅନେକ ବୟସ୍କଙ୍କ ଠାରେ ମୁଖଗହ୍ୱର କର୍କଟ ଚିହ୍ନଟ ହେବାରେ ଲାଗିଛି । ସେହିଭଳି କୋଟପା ଆଇନ୍ ଅନୁଯାୟୀ ଶିକ୍ଷାନୁଷ୍ଠାନ ନିକଟରେ ଗୁଟଖା ଓ ତମ୍ବାଖୁ ବିକ୍ରି ବେଆଇନ୍ ହୋଇଥିବାବେଳେ ତାହାକୁ ବି କେହି ମାନୁନାହାନ୍ତି । ତାହା ସହିତ ନକଲି ଗୁଟ୍‌ଖା ବଜାରରେ ବିକ୍ରି କରାଯାଉଥିବାରୁ ଏହା ଲୋକଙ୍କୁ କ୍ୟାନସର ଆଡକୁ ଟାଣି ନେଉଛି । କାରଣ ଗୁଟ୍‌ଖା ଦାନା ଲୋକେ ଖାଉ ନ ଥିବା ପ୍ରଦାର୍ଥରୁ ପ୍ରସ୍ତୁତ ହେଉଥିବାରୁ ତାହା ସ୍ୱାର୍ଥ ପ୍ରତି ଅତ୍ୟନ୍ତ କ୍ଷତିକାରକ । ତେଣୁ ଏଥିରୁ ପ୍ରସ୍ତୁତ କରାଯାଉଥିବାରୁ କ୍ୟାନ୍‌ସର ହେବାର ଅଧିକ ସମ୍ଭାବନା ରହିଥିବା ଡାକ୍ତର ବିନୋଦିନୀ ବେହେରା କହିଛନ୍ତି ।

## ଶିଳ୍ପସଂସ୍ଥାଙ୍କ ଉପରେ ୩୭୯୭ କୋଟିର ଜଳକର ବାକି

ଭୁବନେଶ୍ୱର,୧୯।୯ (ସମିସ): ରାଜ୍ୟର ବିଭିନ୍ନ ନଦୀରୁ ଜଳ ନେଇ କାରଖାନା ଚଳାଇବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇଥିବା ଶିଳ୍ପସଂସ୍ଥାଗୁଡିକ ଉପରେ ୩,୭୯୭ କୋଟି ଟଙ୍କାର ଜଳକର ଅନାଦାୟ ରହିଛି । ଶୁକ୍ରବାର ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ୫୦ଗୋଟି ସଂସ୍ଥା ମହାନଦୀରୁ ଜଳ ନେଉଛନ୍ତି । ଏମାନେ ନେଉଥିବା ପ୍ରାୟ ୫୦୦ କ୍ୟୁସେକ ଜଳ ମଧ୍ୟରୁ ୪୪୬ କ୍ୟୁସେକ ଜଳ ବ୍ୟବହାର କରୁଛନ୍ତି । ତେବେ ଜଳ ନେଉଥିବା ସଂସ୍ଥାଗୁଡିକ ମଧ୍ୟରୁ କେତେକଙ୍କ ଉପରେ ୯୬୨ କୋଟି ୭୮ ଲକ୍ଷ ଟଙ୍କାର ଜଳକର ବାକି ପଡିଛି ।

ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି, ମହାନଦୀରୁ ଜଳ ନେଉଥିବା ସମ୍ବଲପୁରସ୍ଥିତ ଭୂଷଣ ପାୱାର ଓ ଷ୍ଟିଲ୍ ଉପରେ ୨୪୪ କୋଟି ଟଙ୍କା ବକେୟା ଥିବାବେଳେ ପାରାଦୀପଠାରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଉପରେ ୧୦୮ କୋଟି, ଝାରସୁଗୁଡାରେ ଥିବା ଓପିଜିସି ଉପରେ ୨୫ କୋଟି, ପିପିଏଲ୍ ଉପରେ ୪୫ କୋଟି, ସମ୍ବଲପୁରଠାରେ ଥିବା ଭିରାଜ ଷ୍ଟିଲ୍ ଉପରେ ୯୮ କୋଟି, ଝାରସୁଗୁଡାର ବି ଆର ଷ୍ଟିଲ ଆଣ୍ଡ ପାୱାର ୨୨ କୋଟି ଟଙ୍କାର ଜଳକର ବାକି ରଖିଛି ।

ସେହିଭଳି ବୈତରଣୀରୁ ଜଳ ନେଉଥିବା ୧୭ଟି କମ୍ପାନୀ ମଧ୍ୟରୁ ୩ଟି କମ୍ପାନୀ ଉପରେ ୧ କୋଟିରୁ ସାମାନ୍ୟ ଅଧିକ ଜଳକର ଥିବାବେଳେ ବ୍ରାହ୍ମଣୀରୁ ପାଣି ନେଉଥିବା ୪୯ଟି ମଧ୍ୟରୁ ଅଧିକାଂଶ ଜଳକର ବାକି ରଖିଛନ୍ତି । ସେମାନଙ୍କ ଉପରେ ୮୨୨ କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡିଛି । ଇନ୍ଦ୍ରାବତୀରୁ ଜଳ ନେଉଥିବା ଦୁଇଟି କମ୍ପାନୀ ଉପରେ ୯ କୋଟି ଟଙ୍କାର ଜଳକର ବାକିଆ ଥିବାବେଳେ କୋଲାବରୁ ଜଳ ନେଉଥିବା କମ୍ପାନୀ ଉପରେ ୧୫୦୯ କୋଟି, ନାଗାବଳୀରୁ ଜଳ ନେଉଥିବା କମ୍ପାନୀ ଉପରେ ୪୯୦ କୋଟି, ଋଷିକୂଲ୍ୟାରୁ ଜଳ ନେଉଥିବା କମ୍ପାନୀ ଉପରେ ୨କୋଟିରୁ ଅଧିକ ବାକିଆ ଗଡୁଛି । ମୁଖ୍ୟମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ହେତୁ ଜଳ ପ୍ରବାହରେ ଅନିୟମିତତା ପରିଲକ୍ଷିତ ହେଉଛି । ଓଡ଼ିଶାରେ ଅବବାହିକାରେ ମୁଖ୍ୟତଃ ୧୧ଟି ନଦୀ ପ୍ରବାହିତ ହେଉଥିବାବେଳେ ଏଥିରେ ୭୫ ପ୍ରତିଶତ ନିର୍ଭରଯୋଗ୍ୟ ଜଳ ଅମଳ ଅନୁସାରେ ପ୍ରାୟ ୯୩,୪୧୬ ଏମସିଏମ ଆକଳନ କରାଯାଇଛି । ଏହିସବୁ ନଦୀ ଅବବାହିକାରେ ଥିବା ପ୍ରମୁଖ ନଦୀରୁ ଚାଷ ପାଇଁ ୨୪,୧୪୫ ଏମସିଏମ୍ ଜଳ ବ୍ୟବହାର କରାଯାଉଛି ।

## ନାଦଶ୍ରୀର ଦ୍ୱିତୀୟ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୯ ।୯ (ସମିସ): ନାଦଶ୍ରୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ପ୍ରଥମେ ଶ୍ରୀ ଜଗନ୍ନାଥ ସଂସ୍କୃତିରେ 'ଶ୍ରୀ ଗୀତଗୋବିନ୍ଦର ପ୍ଲାନ, ଅଭିଧାନ ଓ ପର୍ଯ୍ୟାଲୋଚନା' ଉପରେ ଏକ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଥିଲା । ଡ଼. ଭାସ୍କର ମିଶ୍ର ଓ ଡ଼. ଗୁରୁ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଏହି ଆଲୋଚନାଚକ୍ର ପରିଚାଳିତ ହୋଇଥିଲା । ଅତିଥି ଭାବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ ଉପସ୍ଥିତ ରହି ପୁରାତନ ଓ ନୂତନ ଧାରାର ଗାୟନ ଶୈଳୀ ଉପରେ ଆଲୋଚନା କରିବା ସହିତ ଗୀତଗୋବିନ୍ଦର ମର୍ଯ୍ୟାଦାକୁ ପ୍ରତିପାଦିତ କରିଥିଲେ । ଏହାପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃନ୍ଦଗାୟନରେ ଦଶାବତାର ଏବଂ ମଙ୍ଗଳଗୀତ ଗାନ କରିଥିଲେ । ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର, ନାଦଶ୍ରୀର ଉପଦେଷ୍ଟା ଡ. ସର୍ବେଶ୍ୱର ବୈଠାରୁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ. ନୀଳାଦ୍ରି କଲ୍ୟାଣ ଦାସ, ଆଭା ଶତରୂପା ପତି, ବିଶିଷ୍ଟ କଣ୍ଠଶିଳ୍ପୀ ଲିପ୍ସା ମିଶ୍ର ଏବଂ ବିଜୟିନୀ ଗୀତଗୋବିନ୍ଦ ଗାୟନ କରିଥିଲେ । ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ । ନାଦଶ୍ରୀର କାର୍ଯ୍ୟନିର୍ବାହୀ ସଦସ୍ୟ ଶେଖର ଦାସ, ପ୍ରଗତି ମହାପାତ୍ର, ଜୟଲକ୍ଷ୍ମୀ ସାହୁ ଏବଂ ସୁଶାନ୍ତ ପ୍ରଧାନ ପ୍ରମୁଖ ଅନ୍ୟତମ ଭୂମିକା ଗ୍ରହଣ କରିଥିଲେ । ଶେଷରେ ନାଦଶ୍ରୀର ସମ୍ପାଦିକା ଆଭା ଶତରୁପ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଟ୍ୟ ଉତ୍ସବ ଉଦ୍‌ଯାପିତ | 'ଭିନ୍ନ ପଥେ'ରେ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ

ଭୁବନେଶ୍ୱର, ୧୯ ।୯ (ସମିସ): ସାମ୍ପ୍ରତିକ କାଳରେ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ଏକ ପ୍ରହସନରେ ପରିଣତ ହେବାରେ ଲାଗିଲାଣି । ପ୍ରତ୍ୟେକ ଦିନ ଟିଭି, ଖବରକାଗଜ ଓ ଫେସ୍‌ବୁକ୍ ଖୋଲିଲେ ଆମେ ଦେଖୁବାକୁ ଚାହିଁଛେ ବିଭିନ୍ନ ଢଙ୍ଗରେ ସ୍ୱାମୀସ୍ତ୍ରୀଙ୍କର ପ୍ରତାରଣା, ପରକୀୟା ପ୍ରୀତି, ନିର୍ଯାତନାର ଦୃଶ୍ୟ ଓ ଏହାର କରୁଣ ପରିଣତି । କେତେବେଳେ ସ୍ୱାମୀ ସ୍ତ୍ରୀକୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କରୁଛି ତ, କେତେବେଳେ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରି ପ୍ଲାଷ୍ଟିକ୍ ଡ୍ରମରେ ସିମେଣ୍ଟ ଦେଇ ବନ୍ଦ କରିଦେଉଛି । ଏସବୁ କାହିଁକି ଘଟୁଛି? ଏହାର କାରଣ କ'ଣ? ଏହି କ୍ରମ ଅବକ୍ଷୟ ସଂସ୍କୃତିର କ'ଣ କୌଣସି ପ୍ରତିକାର ନାହିଁ । ହୁଏତ ଏମିତି ପରିସ୍ଥିତି ପାଇଁ ଆମେ ବର୍ତ୍ତମାନର ଉଗ୍ର ଆଧୁନିକ ସ୍ୱାଧୀନ ଚିନ୍ତାଧାରା, ବ୍ୟସ୍ତ ବହୁଳ କର୍ମମୟ ଜୀବନ ପାଇଁ ପରିବାର ପ୍ରତି ଅବହେଳା, ପରସ୍ପର ପ୍ରତି ସମୟର ଅଭାବ, ପରସ୍ପର ପ୍ରତି ଅବିଶ୍ୱାସ, ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତା ଏମିତି ଅନେକ କିଛିକୁ କାରଣ ବୋଲି କହିପାରୁ । ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଏମତି ଏକ ସାମ୍ପ୍ରତିକ ସ୍ୱାମୀ ସ୍ତ୍ରୀ ସମ୍ପର୍କର କାହାଣୀକୁ ନେଇ ନାଟକ ଦର୍ଶକ ମାନଙ୍କୁ ଅନେକ କିଛି ଶିକ୍ଷା ଦେଇଥିଲା । ବିଦ୍ୟା କନକ ସୃଜନୁଷ୍ଠାନ ପକ୍ଷରୁ ଚାଲିଥିବା ନାଟ୍ୟ ଉତ୍ସବ 'ନାଟ୍ୟ ଲହରୀ'ର ଉଦ୍‌ଯାପନୀ ଦିବସରେ



କାରୁଣ୍ଡ କଳାମଞ୍ଚ ଭବାନୀପାଟଣା, ପକ୍ଷରୁ ନାଟକ 'ଭିନ୍ନ ପଥେ'ମଞ୍ଚସ୍ଥ ହୋଇଥିଲା । ଏହି ନାଟକର ରଚନା ଓ ନିର୍ଦ୍ଦେଶନା ପ୍ରଦୀପ ଡ଼ି. ମାଝୀ, ସଙ୍ଗୀତ ଦେବେନ୍ଦ୍ରବାଗ୍, ଅଜୟ ଗୋପାଳ ରହିଥିଲେ । ଅଭିନୟରେ ଆର୍ତ୍ତତ୍ରାଣ, କାହ୍ନୁ ଚରଣ, କୋ ଗୋପୀଧର, ପ୍ରଦୀପ ଡ଼ି, ଦୀପ୍ତିମୟୀ ଅଭିନୟ ନାଟକକୁ ଜୀବନ୍ତ କରିଦେଇଥିଲା । ଅତିଥି ଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଓଡ଼ିଶା ନାଟ୍ୟ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ, ନାଟ୍ୟକାର ନିର୍ଦ୍ଦେଶକ ଭାସ୍କର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଡ଼. ଅରୂପ ଜେନା, ସମାଜସେବୀ ନିଶିକାନ୍ତ ମିଶ୍ର, ନାଟ୍ୟବିତ୍ ବିଜୟ ପାତ୍ର, ଓଡ଼ିଶା ନାଟ୍ୟ ସଂଘ ଯୁଗ୍ମ ସମ୍ପାଦକ ଆଲୋକ ରଞ୍ଜନ ବୋଷ ଉପସ୍ଥିତ ରହିଥିଲେ ।

## ୨୧ରେ କଳିଙ୍ଗ ଷ୍ଟାଡିୟମରେ ବିଶାଳ ଗଣଦୌଡ଼

**● ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**



ଭୁବନେଶ୍ୱର,୧୯।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୧ ତାରିଖ ସକାଳ ୭ଟାରେ ଦେଶର ୭୫ଟି ସହରରେ ୧୦ଲକ୍ଷ ଯୁବକଙ୍କୁ ନେଇ ଗଣଦୌଡ଼ର ଆୟୋଜନ କରାଯାଇଛି । ଏହି ଗଣଦୌଡ଼ର ବାର୍ତ୍ତା 'ନିଶାମୁକ୍ତ ଭାରତ' ରହିଛି । ଏହି କ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି । ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ଏହି ଗଣଦୌଡ଼ର ଜର୍ସି ଉନ୍ମୋଚନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## 'ଭାରତ ପୋଲଟ୍ରି ଏକ୍ସପୋ' ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୯ (ସମିସ): ଓଡ଼ିଶାରେ ପୋଲଟ୍ରି ଚାଷୀଙ୍କୁ ବୁଷ୍ଟର ଡୋଜ ଦେବ ପୋଲଟ୍ରି ଏକ୍ସପୋ । ଏଠାରେ କୁକୁଡ଼ା, ବତକ, ଅଣ୍ଡା ଚାଷ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଶିକ୍ଷା, ଯନ୍ତ୍ରପାତି ରହିଛି । ଚାଷୀ ଓ ପୋଲଟ୍ରି ଫାର୍ମ ମାଲିକ ଏଠାରୁ ଅନେକ କିଛି ଶିଖିପାରିବେ । ସରକାର କୁକୁଡ଼ା ଚାଷୀଙ୍କ ପାଇଁ ଅନେକ ଯୋଜନା ଆଣିଛନ୍ତି । କୁକୁଡ଼ା, ବତକ ଭଳି ପକ୍ଷୀ ପାଳନ ପାଇଁ ଏଠାରେ ପ୍ରଚୁର ସମ୍ଭାବନା ରହିଛି । କୁକୁଡା ପାଳନ ପାଇଁ ଥିବା ବିଭିନ୍ନ ଯୋଜନାରେ ପ୍ରାୟ ୬୦ ପ୍ରତିଶତ ସବସିଡି ମିଳୁଥିବା ବେଳେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ମିଳୁଛି । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କୁ ସରକାରଙ୍କ ଏହି ସବୁ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିବା ବେଳେ କୁକୁଡା ପାଳନକୁ ବୀମା ଅର୍ନ୍ତଭୁକ୍ତ କରିବାକୁ ରାଜ୍ୟ ସରକାର ଚିନ୍ତା କରୁଥିବା କଥା କହିଛନ୍ତି । ଚାଷୀ ମାନେ ଯୋଜନାର ଫାଇଦା ଉଠାଇବାକୁ ପଡ଼ିବ । ରାଜ୍ୟରେ ପ୍ରଥମ ଥର ଏଭଳି ଏକ ପ୍ରଦର୍ଶନୀ ହେଉଥିବାରୁ ଖୁବ ଖୁସି ଲାଗୁଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଶୁକ୍ରବାର ଓୟୁଏଟି ଭେଟେରିନାରୀ ପଡ଼ିଆରେ ପ୍ରଥମ ଥର ଭାରତ ପଲଟ୍ରି ଏକ୍ସପୋ ଉଦ୍‌ଘାଟିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀ ମଲିକ ଏହାକୁ ଉଦଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, "ପଶ୍ଚିମବଙ୍ଗ ପଲଟ୍ରି ଫେଡେରସନ ସଭାପତି ମଦନ ମୋହନ ମାଇତି, ଆପିକଲ ଏମଡି ଶୁଭ୍ରାଂଶୁ ମିଶ୍ର, ଓୟୁଏଟି



ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଡିନ ଡ଼ ସୁସେନ ପଣ୍ଡା, ଡ଼ ପିକେ ଶୁକ୍ଳା, ଏଚଏମ ଦାସ, ସୁଧାଂଶୁ ଭୂଷଣ ତ୍ରିପାଠୀ, ବିଦ୍ୟାଶଙ୍କର ପୁଞ୍ଜା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପଲଟ୍ରି ଫାର୍ମ ଏଥିରେ ଭାଗ ନେଇ ସେମାନଙ୍କ ଉତ୍ପାଦ ପ୍ରଦର୍ଶନକରିଛନ୍ତି । ଏହି ଏକ୍ସପୋ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## 'ବେକାରୀଙ୍କୁ ୫୦ ହଜାର, ସ୍ୱଳ୍ପ ରୋଜଗାରୀଙ୍କୁ ୧୦ ହଜାର ଟଙ୍କା ଭତ୍ତା ଦିଅ'

ଭୁବନେଶ୍ୱର, ୧୯।୯ (ସମିସ): ଓଡ଼ିଶାର ସମସ୍ତ ବେକାର ଯୁବକ ଯୁବତୀଙ୍କୁ ୫୦ ହଜାର ଟଙ୍କା ବେକାରୀ ଭତ୍ତା ଦେବାପାଇଁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି । ପ୍ରତ୍ୟେକ ଛାତ୍ରଛାତ୍ରୀ ଯେଉଁମାନେ ଉଚ୍ଚଶିକ୍ଷା କରୁଛନ୍ତି ସେମାନଙ୍କ ସଂଖ୍ୟା ପ୍ରାୟ ୧୦ ଲକ୍ଷ ହେବେ । ଯେଉଁ ମାନେ ପାଠ ଛାଡି ଦେଇଛନ୍ତି ସେମାନଙ୍କ ସଂଖ୍ୟା ପ୍ରାୟ ୧୫ ଲକ୍ଷ ହେବ । ସେମାନେ ଛୋଟ ବ୍ୟବସାୟ କରୁଛନ୍ତି ନଚେତ ମଲ, ହୋଟେଲ, ଦାଦନ ଖଟୁଛନ୍ତି, ଗାଁରୁ ଆରମ୍ଭ କରି ସହର ପଯ୍ୟନ୍ତ ରାସ୍ତାରେ ଛୋଟ ଦୋକାନ କରି ରୋଜଗାର କରୁଛନ୍ତି । ସେମାନଙ୍କୁ ମାସିକ ୧୦ ହଜାର ଟଙ୍କା ଦେବାପାଇଁ ମହାସଂଘ ଦାବି କରିଛି । ଯେଉଁ ଛାତ୍ରଛାତ୍ରୀ ଉଚ୍ଚତର ଶିକ୍ଷା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କ ସଂଖ୍ୟା ପ୍ରାୟ ୧୦ ଲକ୍ଷ ହେବ । ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରୋତ୍ସାହନ ମୂଳକ ବେକାରୀ ଭତ୍ତା ଦେବାପାଇଁ ଆଜି ଓଡ଼ିଶା ଅଭିଭାବକ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ କରି ଦାବି କରିଛି । ଆଜି ଏହି ଦାବି କରି ସଭାପତି ବାସୁଦେବ ଭଟ୍ଟ, ଉପଦେଷ୍ଟା ଲଳିତମୋହନ ପଟ୍ଟନାୟକ, ମନୋଜ ଜେନା, କାଯ୍ୟକାରୀ ସଭାପତି ସତ୍ୟବ୍ରତ ପରିଜା, ସାଧାରଣ ସମ୍ପାଦକ ସତ୍ୟଜିତ ଦାଶ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ପଦ୍ମନାଭ ସାହୁ ଏହି ଦାବି କରିଛନ୍ତି ।

## ଶିଳାଶ୍ରୀର ସାହିତ୍ୟ ଉତ୍ସବ



ଭୁବନେଶ୍ୱର, ୧୯।୯ (ସମିସ): ଶିଳାଶ୍ରୀ ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ବୁଦ୍ଧମନ୍ଦିର ସଭାଗୃହରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ମନୋଜ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବରଦା ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ । ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦିକା ବାସନ୍ତୀ ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ପତ୍ରିକାର ୬୫ ତମ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶିଳାଶ୍ରୀ ୧୧ ତମ ନବମାତୃକା ସମ୍ମାନ ପ୍ରଦାନ କରାଯାଇଥିଲା । ତରୁଲତା ସାମଲ, ମଞ୍ଜୁଳା କର, ବିଷ୍ଣୁପ୍ରିୟା ମିଶ୍ର, ବନ୍ଦିତା ଦାସ, ଉଷା ରାଣୀ ଆଚାର୍ଯ୍ୟ, ନିବେଦିତା ମହାନ୍ତି ପ୍ରମୁଖଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭା ଆରମ୍ଭରେ ଗୀତାଞ୍ଜଳି ମହାପାତ୍ର, ଶୁଭଶ୍ରୀ ପଟ୍ଟନାୟକ ଓ ରଶ୍ମିସାହୁଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ୬୦ ଜଣରୁ ଅଧିକ କବି ସେମାନଙ୍କ କବିତା ପାଠ କରିଥିଲେ । ଶେଷରେ ମୈତ୍ରୀ ଭୂଷଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।

## କର୍କଟ ପୀଡ଼ିତ ଅନ୍ତେବାସୀଙ୍କ ପାଇଁ ମାଗଣା ଦନ୍ତ ପରୀକ୍ଷା



ଭୁବନେଶ୍ୱର, ୧୯।୯ (ସମିସ): ପ୍ରଶାନ୍ତି ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଜି ପାତ୍ରପଡ଼ାସ୍ଥିତ ଇନଟାସ ଫାଉଣ୍ଡେସନ ଠାରେ ଏକ ମାଗଣା ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଡାକ୍ତର ଉପାସନା ଧର, ଡ. ଦେବର୍ଚ୍ଚିତା ଷଡ଼ଙ୍ଗୀ, ଡ. ଯୋଗମାୟା ପ୍ରଧାନ ପ୍ରମୁଖ ରୋଗୀମାନଙ୍କର ଦନ୍ତ ପରୀକ୍ଷା କରିଥିଲେ । ଟ୍ରଷ୍ଟର ଚେୟାରମ୍ୟାନ ତପସ୍ୱିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସାମାଜିକ କର୍ମୀ କଳ୍ପନା ଦାସ, ଚିନ୍ମୟୀ ପାତ୍ର ପରିଚାଳନା କରିଥିଲେ ।

୨୭ରେ ବ୍ରହ୍ମପୁର ଆସିବେ ପ୍ରଧାନମନ୍ତ୍ରୀ

## ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଆସୁଛନ୍ତି । ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା ଜାତୀୟ 'ସେବା ପର୍ବ'ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ବିଭିନ୍ନ ଜନହିତକର ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ବୈଠକରେ ଖଣି, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଓ ଶିଳ୍ପ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

**ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ**

## ଭୁବନେଶ୍ୱରରେ ୨୨ ରାଜ୍ୟ, ୧୦ ଦେଶର ସାମଗ୍ରୀ



ଭୁବନେଶ୍ୱର, ୧୯।୯ (ସମିସ): ୧୨ତମ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ ଜନତା ମୈଦାନଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ମେଜର କଳ୍ପନା ଦାଶ, ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ ତ୍ରିପାଠୀ, ଓଡ଼ିଶା ପାଇକ ଆଖଡା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଶୁଶ୍ରୁତ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶିକା ଚିଦାତ୍ମିକା ଖଟୁଆ, ସରୋଜ ମଲ୍ଲିକ ଏବଂ ରଶ୍ମିରଞ୍ଜନ କାନୁନ୍‌ଗୋଙ୍କ ସମେତ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ ଗୁପ୍ତା, ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପୂଜା ବଜାରକୁ ଆଗରେ ରଖି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ବାଣିଜ୍ୟ ମେଳାରେ ପୂଜା କିଣାକିଣି ବିଶେଷ ସାମଗ୍ରୀ ସୁସଜ୍ଜିତ କରାଯାଇଛି । ବିଶେଷକରି ଦୁର୍ଗା ପୂଜା ଓ କୁମାର ପୂର୍ଣ୍ଣିମା ଆଗରୁ ଏପ୍ରକାରର ଆୟୋଜନ ବେଶୀ ଭାବରେ ଗ୍ରାହକମାନଙ୍କୁ ଆକର୍ଷିତ କରିଥାଏ । ଅନ୍ତର୍ଜାତୀୟସ୍ତରରୁ ପାଖାପାଖି ୧୦ଟି ଦେଶ, ୨୨ଟି ରାଜ୍ୟର ପାରମ୍ପରିକ ସାମଗ୍ରୀ, ହସ୍ତତନ୍ତ ସହିତ ବିଭିନ୍ନ ଆସବାବ ପତ୍ର ପ୍ରଦର୍ଶିତ ହେଉଛି । ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା, ଫର୍ନିଚର୍ – କାଶ୍ମିରୀ, କାର୍ଭିଙ୍ଗ, ପ୍ରାଚୀନ ସାମଗ୍ରୀ, ସୋଫା, ଡାଇନିଂ ସେଟ୍ ଓ ଝୁଲା, ୧୧ ଆଫଗାନିସ୍ତାନରୁ ଆସୁଥିବା ୧୦୦ ପ୍ରକାରର ଡ୍ରାଇ ଫ୍ରୁଟସ, ଜର୍ମାନୀର ଡିଜାଇନର୍ ଲ୍ୟାମ୍ପ, ବାଙ୍ଗାଦେଶରୁ କାମଦାନୀ ସାଢ଼ି, ଇରାନରୁ ଖଜୁରୀ, ଥାଇଲ୍ୟାଣ୍ଡରୁ ଗହଣା ଏବଂ ଭାରତର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ ଭଳି ଅନେକ ଚିତାକର୍ଷକ ସାମଗ୍ରୀର ସମାବେଶ ଦେଖିବାକୁ ମିଳୁଛି । ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ଭାବେ ଫୁଡ ଜୋନ୍ ମଧ୍ୟ ରହିଛି ଏବଂ ଏହି ମେଳା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପାୟଲ୍ ଆଚାର୍ଯ୍ୟ ଗୁପ୍ତା ସୂଚନା ଦେଇଛନ୍ତି ।





**ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ହତ୍ୟାକାଣ୍ଡ ଘଟଣା**

# ଘର ତଳେ ଲୁଚି ଯାଇଥାନ୍ତା ଶୁଭମିତ୍ରାର ଶବ

ଭୁବନେଶ୍ୱର, ୧୯।୯ (ସମିସ): ମହିଳା ଟ୍ରାଫିକ କନଷ୍ଟେବଳ ଶୁଭମିତ୍ରା ହତ୍ୟାକାଣ୍ଡ ଘଟଣାକୁ ୧୪ ଦିନ ପରେ ନୂଆ ନୂଆ ତଥ୍ୟ ଏବେ ପଦାକୁ ଆସିବାରେ ଲାଗିଛି। ଶୁଭମିତ୍ରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ତଥା କନେଷ୍ଟବଳ ଦୀପକ, ତା'ର ମାଉସୀ ପୁଅ ଭାଇ ପପୁ ଓ ପପୁର ସାଙ୍ଗ ଜଟିଆକୁ ଗିରଫ କରିଛି ପୁଲିସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶୁଭମିତ୍ରା ମୃତଦେହ ପୋତାଯାଇଥିବା ଜମିରେ ଘର ନିର୍ମାଣ ପାଇଁ ଯୋଜନା କରିଥିଲେ ଦୀପକ, ପପୁ ଏବଂ ଜଟିଆ।

ସୂଚନା ଅନୁଯାୟୀ ଦୀପକ ହତ୍ୟା ଯୋଜନା ପୂର୍ବରୁ ପ୍ରମାଣ ନଷ୍ଟ କରିବା ପାଇଁ ମାଉସୀ ପୁଅ ଭାଇ ପପୁର ସହଯୋଗ ଲୋଡ଼ିଥିଲା। ମୃତଦେହ ପୋତିବା ପାଇଁ ଗାତ ଖୋଳି ରଖିବାକୁ କହିଥିଲା। ପପୁ ତା'ର ସାଙ୍ଗ ଜଟିଆକୁ ସୁନାଗହଣା ପୋତା ହବ କହିବା ସହ ୫ ହଜାର ଟଙ୍କା ଦେଇଥିଲା। ପପୁ ଡକାଇଲେ ସନ୍ଦେହ ହେବ ଭାବି ଜଟିଆ ଜେସିବି ଡକାଇଥିଲା। ପ୍ରଥମ ଦିନ ଜଟିଆ ବାଡ଼ିରେ ଥିବା ଏକ ପରିତ୍ୟକ୍ତ ଚାଳ ଘରକୁ ଭାଙ୍ଗି ଦେଇଥିଲେ। ଏହାର ଦୁଇ ଦିନ ପରେ ପୁଣିଥରେ ଜେସିବି ଡକାଇ ପାଇଖାନା ଟାଙ୍କି ନାଁରେ ଗାତ ଖୋଳିଥିଲେ। ହତ୍ୟାକାଣ୍ଡ ଦିନ ରାତିରେ ମୃତଦେହ ପୋତି ଦେଇଥିଲେ। ସୁନାଗହଣା ଲୁଚାଇବାକୁ ପ୍ରତି ମାସରେ ଜଟିଆକୁ ୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ସହ ଘର ଚାଳ ଘର ବଦଳରେ ସେଠାରେ ଏକ କୋଠା ଘର କରିଦେବ ବୋଲି ଦୀପକ କହିଥିଲା। ଖୁବଶୀଘ୍ର ଘର କାମ ଆରମ୍ଭ କରିବାକୁ ଯୋଜନା କରିଥିଲେ। ହେଲେ ଲଗାଣ ବର୍ଷା ଯୋଗୁଁ ଘର ନିର୍ମାଣ ହୋଇପାରି ନଥିଲା।

ଶୁଭମିତ୍ରା ନିଖୋଜ ଘଟଣାରୁ ପରଦା ହଟାଇ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିବା ପୁଲିସ ପାଇଁ ଯେତିକି କଷ୍ଟକର ଥିଲା ଏବେ ହତ୍ୟାର ପ୍ରମାଣ ଯୋଗାଡ଼ କରିବା ତା'ଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ଯଦିଓ ପୁଲିସ ପାଖରେ ଶୁଭମିତ୍ରା ଓ ଦୀପକର କଲ୍ ଡିଟେଲ ରିପୋର୍ଟ (ସିଡିଆର), ଶବ ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍ ସଂଗ୍ରହ କରିଥିବା ବିଭିନ୍ନ ନମୁନାର ରିପୋର୍ଟ ରହିଛି କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ହତ୍ୟା ମାମଲାର ବିଚାର ବେଳେ ହତ୍ୟାକାଣ୍ଡ ସମୟର ପ୍ରତ୍ୟକ୍ଷଦର୍ଶୀ ହିଁ ସାକ୍ଷୀ ହୋଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏଥିସହିତ ହତ୍ୟା ପୂର୍ବରୁ ମୃତକ ଓ ହତ୍ୟା ଅଭିଯୁକ୍ତଙ୍କୁ ଏକାଠି ଶେଷ ଥର ଦେଖିଥିବା ସାକ୍ଷୀଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହି ଦୁଇଟି ସାକ୍ଷୀ ହୋଇଗଲେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହଜ ହୋଇଥାଏ। ହେଲେ ଏହି ହତ୍ୟା ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ନଥିବାବେଳେ ଶେଷଥର ଶୁଭମିତ୍ରା ଓ ଦୀପକକୁ ଏକାଠି କେହି ଦେଖି ନାହାନ୍ତି କିମ୍ବା ଦେଖିଥିବା ଲୋକ ନିକଟରେ ପୁଲିସ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଏସବୁ ଦୃଷ୍ଟିରୁ ଏଭଳି ସମ୍ବେଦନଶୀଳ ହତ୍ୟା ଘଟଣାରେ ସାକ୍ଷୀ ଯୋଗାଡ଼ିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।



ସେପଟେ ଶୁଭମିତ୍ରାଙ୍କ ମୃତଦେହ ପୋତା ହୋଇଥିବା ଯାଗା ବା ଜଟିଆ ବାଡ଼ିରେ ଗାତ ଖୋଳିଥିବା ଜେସିବି ମେସିନ୍ ଡ୍ରାଇଭରକୁ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ। ଜେସିବି ଡ୍ରାଇଭରଙ୍କ ବୟାନ ରେକର୍ଡ ହୋଇଛି। ଏଥିସହିତ ଶୁଭମିତ୍ରା ଓ ଦୀପକ ରେଜିଷ୍ଟ୍ରି ବିବାହ କରିବା ସମୟରେ ସାକ୍ଷୀ ପଡ଼ିଥିବା ୩ ଜଣଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୁଲିସ କହିଛି।

### ଧରା ପକାଇଦେଲା ଡିଲିଟ୍ ହ୍ୱାଟ୍ସଆପ କଲ୍

ଶୁଭମିତ୍ରାଙ୍କୁ ହତ୍ୟା କରିବାକୁ ଦୀପକ ପ୍ରାୟ ମାସକ ଆଗରୁ ଯୋଜନା କରିଥିଲା। କେବେ ହତ୍ୟା କରିବ ସ୍ଥିର କରି ନ ଥିଲେ ମଧ୍ୟ ବହୁ ପୂର୍ବରୁ ପ୍ରମାଣ ନଷ୍ଟ କରିବାକୁ ପ୍ଲାନ୍ କରି ସାରିଥିଲା। ପୂର୍ବ ଯୋଜନା ମୁତାବକ ଶୁଭମିତ୍ରାଙ୍କ ମୃତଦେହକୁ ନେଇ କୁସୁନପୁରସ୍ଥିତ ଜଟିଆ ବାଡ଼ିରେ ପୋତିଥିଲା। ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୀପକ ଓ ପପୁ ଭଏସ୍ କଲରେ କଥାବାର୍ତ୍ତା ହୋଇଥିଲେ। ହେଲେ ସେଦିନ ପରଠାରୁ ହ୍ୱାଟ୍ସଆପ କଲରେ କଥାବାର୍ତ୍ତା ହୋଇଥିଲେ। ଝିଅ ନିଖୋଜ ନେଇ ଶୁଭମିତ୍ରାଙ୍କ ମାଆ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ଦୀପକ ଉପରେ ସନ୍ଦେହ ହେଉଥିଲେ ମଧ୍ୟ ପ୍ରମାଣ ମିଳୁ ନ ଥିଲା। ସେପଟେ କମିସନରେଟ ପୁଲିସ ଠାରୁ ଖବରପାଇ ଘଟଗାଁ ଥାନା ପୁଲିସ ପପୁକୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ପପୁ ଓ ଦୀପକ ୬ ତାରିଖ ପରଠାରୁ ଭଏସ୍ କଲରେ କଥା ନହୋଇ ହ୍ୱାଟ୍ସଆପ କଲରେ କଥା ହେଉଥିଲେ ବୋଲି ଜଣାପଡ଼ିଥିଲା। ଆଉ ଏହି ହ୍ୱାଟ୍ସଆପ କଲ୍ ହିଷ୍ଟ୍ରିକୁ ପପୁ କଲ୍ ଲଗରୁ ଡିଲିଟ କରିଥିଲେ ମଧ୍ୟ ହ୍ୱାଟ୍ସଆପ ଚାଟରୁ କଟି ନଥିଲା। ଏହା ନଜରରେ ପଡ଼ିବା ପରେ ପୁଲିସ ପପୁକୁ ମାରାଥନ ଜେରା କରିଥିଲା। ଆଉ ପୁଲିସର ଅଡୁଆ ପ୍ରଶ୍ନରେ ପପୁ ଛନ୍ଦି ହୋଇ ସବୁକଥା ମାନି ଯାଇଥିଲା। ଏହାପରେ ସମ୍ବେଦନଶୀଳ ହତ୍ୟା ଘଟଣାରୁ ପରଦା ହଟିଥିଲା।

## ଚାକିରି ପ୍ରତିଶ୍ରୁତି ଦେଇ ଠକେଇ; ହୋମଗାର୍ଡ ସହ ୨ ଗିରଫ



ଭୁବନେଶ୍ୱର, ୧୯।୯ (ସମିସ): ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ଠକେଇ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣେ ହୋମ୍‌ଗାର୍ଡ ସହ ଡ୍ରାଇଭରକୁ ଗିରଫ କରିଛି। ଗିରଫ ହୋମଗାର୍ଡ ହେଲା ପୁରୁଷୋତ୍ତମ ସାହୁ ଏବଂ ଡ୍ରାଇଭର ପ୍ରମୋଦ ମଲ୍ଲିକ। ଏନେଇ ଥାନାରେ ସାଜନ କୁମାର ସାହୁ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରିଛି।

ସୂଚନାଯୋଗ୍ୟ ଯେ, ପବିତ୍ର ମୋହନ ବେହେରାଙ୍କ ମାଧ୍ୟମରେ ପତିତପାବନ ପତି ଚାକିରି ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଅଭିଯୋଗକାରୀଙ୍କ ଠାରୁ ଶିକ୍ଷାଗତ ପ୍ରମାଣପତ୍ର ସହିତ ୫ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ନିଯୁକ୍ତି ପ୍ରଦାନ କରି ନ ଥିଲେ କିମ୍ବା ଟଙ୍କା ଏବଂ ପ୍ରମାଣପତ୍ର ଫେରାଇ ନ ଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ପତିତପବନ ତାଙ୍କ ସହଯୋଗୀ ପବିତ୍ର ମୋହନ ବେହେରା, ଅମୀୟ କୁମାର ମନ୍ତ୍ରୀ, ଅମିତାବଚନ ସାହୁ, ଅଶ୍ୱିନୀ କୁମାର ଜେନା, ପୁରୁଷୋତ୍ତମ ସାହୁ, ପ୍ରମୋଦ ମଲ୍ଲିକ ଏବଂ ଅନ୍ୟମାନଙ୍କ ସହିତ ଗତ ୨ ରୁ ୩ ବର୍ଷ ଧରି ଏକ ଚାକିରି ଠକେଇ ରାକେଟ୍ ଗଠନ କରିଥିଲେ। ସେମାନେ ବିଭିନ୍ନ ସରକାରୀ ବିଭାଗରେ ଚାକିରି ବ୍ୟବସ୍ଥା କରିବାର ମିଥ୍ୟା ବାହାନାରେ ଆଶାୟୀମାନଙ୍କ ଠାରୁ ବିପୁଳ ପରିମାଣର ଟଙ୍କା ଏବଂ ମୂଳ ପ୍ରମାଣପତ୍ର ସଂଗ୍ରହ କରୁଥିଲେ। ଟଙ୍କା ସଂଗ୍ରହ କରିବା ପରେ, ସେମାନେ ପୀଡିତମାନଙ୍କୁ ଏଡ଼ାଇ ଯାଉଥିଲେ, ସେମାନଙ୍କୁ ଠକିଥିଲେ ଏବଂ ଟଙ୍କା ଆତ୍ମସାତ କରିଥିଲେ। ଏହି ରାକେଟ୍ ଅଭିଯୋଗକାରୀଙ୍କ ସମେତ ସାରା ଓଡ଼ିଶାରେ ଅନେକ ପ୍ରାର୍ଥୀଙ୍କୁ ଠକିଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ବିଶ୍ୱସ୍ତ ସୂଚନା ଆଧାରରେ ଆଜି ଅଭିଯୁକ୍ତ ପୁରୁଷୋତ୍ତମ ସାହୁ ଏବଂ ପ୍ରମୋଦ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ରୁ ଉଭୟେ ସେମମାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚରୁ ସେମାନେ ପୂର୍ବରୁ ଏୟାରପୋର୍ଟ ଥାନାରେ ଏକ ମାମଲାରେ ଜଡ଼ିତ ଥିବା ଜଣାପଡ଼ିଛି।

**● ବିଏମ୍‌ସି କର୍ମଚାରୀଙ୍କ ପାଇଁ ନିୟମ**

## ସପ୍ତାହକୁ ଗୋଟିଏ ଦିନ ସାଧାରଣ ପରିବହନ ବ୍ୟବସ୍ଥାରେ ଅଫିସ ଆସିବେ କର୍ମଚାରୀ

ଭୁବନେଶ୍ୱର, ୧୯।୯ (ସମିସ): ବିଏମ୍‌ସି କର୍ମଚାରୀଙ୍କ ପାଇଁ ଏକ ନୂତନ ନିୟମ ହୋଇଛି। ସପ୍ତାହକୁ ଗୋଟିଏ ଦିନ ବିଏମ୍‌ସି କର୍ମଚାରୀମାନେ ସାଧାରଣ ପରିବହନ ସେବାକୁ ବ୍ୟବହାର କରି ଅଫିସ ଆସିବେ। ଏହା ଦ୍ୱାରା ପରିବେଶର ପ୍ରଦୂଷଣ ରୋକା ଯାଇ ପାରିବ। ଏହାସହ ସାଧାରଣ ପରିବହନ ବ୍ୟବହାର ଦିଗରେ ଏକ ପଦକ୍ଷେପ ହେବ। ତେବେ କର୍ମଚାରୀଙ୍କୁ ସାଇକେଲ୍‌ରେ ଆସିବାକୁ ଅନୁରୋଧ କରିବେ ବୋଲି ବିଏମ୍‌ସି କମିସନର ଚଞ୍ଚଳ ରଣା କହିଛନ୍ତି।

## ନିଶା ବେପାରୀକୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୧୯।୯ (ସମିସ): ନିଶା ବେପାରୀକୁ ୨୦ ବର୍ଷ ଜେଲଦଣ୍ଡ ସହ ଏକ ବର୍ଷ ଜରିମାନା ଶୁଣାଇଛନ୍ତି କୋର୍ଟ। ଏନ୍‌ଡିପିଏସ୍ ମାମଲାର ଶୁଣାଣି କରି ଭୁବନେଶ୍ୱର ଏଡିଜେଏମ୍ କୋର୍ଟ ଏହି ସଜା ଶୁଣାଇଛନ୍ତି। ନିଶା ମାଫିଆ ଚିତ୍ତରଞ୍ଜନ ସାହୁ ଓରଫ ମଧୁଙ୍କୁ ଏହି ସଜା ହୋଇଛି। ଦସ୍ତାବିଜ୍ ଏବଂ ସାକ୍ଷୀ ଆଧାରରେ କୋର୍ଟ ଏହି ସଜା ଶୁଣାଇଛନ୍ତି।

ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲ ପଛ କ୍ୱାର୍ଟର୍ସ ନଂ- ଆଇଆର-୨ରେ ଅଭିଯୁକ୍ତ ଚିତ୍ତରଞ୍ଜନ ଡ୍ରଗ୍ସ କାରବାର କରୁଥିଲା। ୨୦୨୩ ମେ ୨୦ ତାରିଖରେ ଏସ୍‌ଟିଏଫ ସୂଚନା ପାଇ ଉକ୍ତ କ୍ୱାର୍ଟର୍ସରେ ଚଢଉ କରିଥିଲା। ଚଢ଼ଉ ପରେ ଉକ୍ତ ଘରୁ ୧୧୦୦ ଗ୍ରାମର ବ୍ରାଉନ୍ ସୁଗର ଜବତ କରିବା ସହ ଚିତ୍ତରଞ୍ଜନକୁ ଗିରଫ କରାଯାଇଥିଲା। ଜବତ ହୋଇଥିବା ବ୍ରାଉନ୍ ସୁଗରକୁ ଏସ୍‌ଟିଏଫ ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇଥିଲେ। ପରୀକ୍ଷାରେ ଏହାର ରିପୋର୍ଟ ଆସିବା ପରେ କୋର୍ଟରେ ମାମଲା ଚାଲିଥିଲା। କୋର୍ଟ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ପରେ ଅଭିଯୁକ୍ତକୁ ସଜା ସୁଣାଇଛନ୍ତି।

## ଏସ୍‌ଟିଏଫ ହାତରେ ନିଶା ବେପାରୀ

ଭୁବନେଶ୍ୱର, ୧୯।୯ (ସମିସ): ଏସ୍‌ଟିଏଫ ହାତରେ ଧରାପଡ଼ିଛି ଡ୍ରଗ୍ସ ମାଫିଆ ଅଜୟ ପରିଡ଼ା। ତା ନିକଟରୁ ୧୨୧ ଗ୍ରାମର ବ୍ରାଉନ୍ ସୁଗର ଜବତ କରି ଏସ୍‌ଟିଏଫ। ଯାହାର ମୂଲ୍ୟ ୫ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି। ହଳଦୀ ପଡ଼ିଆରେ ସେ ଡ୍ରଗ୍ସ ବ୍ୟବସାୟ କରୁଥିବା ବେଳେ ଏସ୍‌ଟିଏଫ ଖବର ପାଇ ଚଢଉ କରି ତାକୁ ଗିରଫ କରିଛି। ଅଜୟ ବାଲେଶ୍ୱରରୁ ବ୍ରାଉନ୍‌ସୁଗର ଆଣି ହଳଦୀ ପଡ଼ିଆ ବସ୍ତିରେ ବ୍ୟବସାୟ କରେ। ତା ଉପରେ ଗତ କିଛି ଦିନ ହେବ ଏସ୍‌ଟିଏଫ ନଜର ରଖିଥିଲା। ଆଜି ସେ ବ୍ରାଉନ୍ ସୁଗର ଆଣି ବିକ୍ରି କରିବା ସମୟରେ ଏସ୍‌ଟିଏଫ ଖବର ପାଇ ଚଢଉ କରି ତାକୁ ଗିରଫ କରିଛି।

## ୧୦ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୧୯।୯ (ସମିସ): ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମହତାବ ରୋଡର ଆଶୁତୋଷ ଆଚାର୍ଯ୍ୟ (୪୭)।

ପୁଲିସ ସୂଚନା ଅନୁସାରେ, ପୁରୁଣା ଭୁବନେଶ୍ୱର ଅଞ୍ଚଳର ଗୋପନ ମାର୍ଥା ବାଲି, ଚିପ୍ସ ଓ ପଥର ଯୋଗାଣ କରନ୍ତି। ଆଶୁତୋଷ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ହାତ ଋଣ ନେବା ସହ ସୁଧ ସହିତ ପରିଶୋଧ କରିବାର ପ୍ରତିଶ୍ରୁତି ଦେଇଥିଲା। ଟଙ୍କା ପାଇବା ପରେ ମିଥ୍ୟା ବାହାନା ଦେଖାଇ ଋଣ ପରିଶୋଧକୁ ଏଡ଼ାଇ ଯାଇଥିଲା। ଗୋପନଙ୍କୁ ଭୟଙ୍କର ପରିଣାମ ପାଇଁ ଭୟଭୀତ କରିଥିଲା। ଏନେଇ ଗୋପନ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ଆଶୁତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୋର୍ଟରେ ଓକିଲଙ୍କୁ ଆକ୍ରମଣ; ୨ ଗିରଫ

ଭୁବନେଶ୍ୱର, ୧୯।୯ (ସମିସ): କୋର୍ଟରେ ଓକିଲଙ୍କୁ ଆକ୍ରମଣ କରିବା ଘଟଣାରେ ବଡ଼ଗଡ଼ ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ୱଜିତ୍ ମହାପାତ୍ର ଏବଂ ଶୋହନ ମିଶ୍ର।

ଗତ ୧୮ ତାରିଖ ୮.୪୫ ସମୟରେ ଦିବ୍ୟରଞ୍ଜନ ନରେନ୍ଦ୍ର କୋର୍ଟ କାମ ପାଇଁ କୋର୍ଟ ପରିସର ମଧ୍ୟରେ ଥିବା ଏକ ଡିଟିପି ସେଣ୍ଟରରେ କାମ କରୁଥିବା ସମୟରେ କିଛି ଅଜଣା ଯୁବକ ଏବଂ ଜଣେ ଯୁବତୀ ଉକ୍ତ ଡିଟିପି ସେଣ୍ଟରରେ ପହଞ୍ଚି ତାଙ୍କ କାମରେ ବାଧା ସୃଷ୍ଟି କରିଥିଲେ। ଯେତେବେଳେ ସେ ସେମାନଙ୍କୁ ବିରୋଧ କଲେ, ସେମାନେ ସମସ୍ତେ ମିଶି ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ବାମ ହାତ ଏବଂ ବାମ ପାର୍ଶ୍ୱ ମୁଣ୍ଡ ଆଘାତ ପାଇଥିଲା। ସେମାନେ ଦିବରଞ୍ଜନଙ୍କ ସୁନା ଚେନ୍ ଏବଂ ହାତ ଘଣ୍ଟା ଛଡ଼ାଇ ନେଇଯାଇଥିଲେ। ତୁରନ୍ତ ସେ ତାଙ୍କ ଓକିଲ ବନ୍ଧୁମାନଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ସେମାନେ ଘଟଣାସ୍ଥଳକୁ ପହଞ୍ଚିଥିଲେ। ପରେ ପିସିଆର୍ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ଦୁର୍ବୃତ୍ତମାନଙ୍କୁ ଥାନାକୁ ଆଣି ହେପାଜତରେ ଛାଡି ଦେଇଥିଲେ।

## ଜେଲରୁ ବାହାରି ସରକାରଙ୍କ ଉପରେ ବର୍ଷିଲେ ଉଦିତ

**● କହିଲେ, ନିଲମ୍ବନ ହଟିଲେ ଦଳୀୟ କାର୍ଯ୍ୟାଳୟ ଯିବି**



ଭୁବନେଶ୍ୱର, ୧୯।୯ (ସମିସ): ଜେଲରୁ ବାହାରିଲେ ରାଜ୍ୟ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଉଦିତ ପ୍ରଧାନ। ଜଣେ ଛାତ୍ରୀଙ୍କୁ କୋଲ୍ଡଡ୍ରିଙ୍କ୍‌ସ୍‌ରେ ନିଶା ଦ୍ରବ୍ୟ ଦେଇ ଏକ ହୋଟେଲରେ ବଳ ପୂର୍ବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ ଉଦିତ। ଜେଲ୍‌ରୁ ବାହାରିବା ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଉଦିତ। ଉଦିତ ପ୍ରଧାନ ଜେଲରୁ ବାହାରିବା ପରେ ଉଦିତ ପ୍ରଧାନ କହିଲେ ବିନା କୌଣସି ପ୍ରମାଣରେ ମୋତେ ଜେଲ୍ ପଠାଇଥିଲେ। ଯେଉଁମାନେ ମୋତେ ଚକ୍ରାନ୍ତ ଫସାଇଛନ୍ତି ସେମାନେ ଦଣ୍ଡ ପାଇବେ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମଦାହ ଘଟଣାରେ ଆନ୍ଦୋଳନ କରିବାକୁ ଜେଲ୍ ଯିବାକୁ ପଡ଼ିଲା ବୋଲି କହିଛନ୍ତି ଉଦିତ ପ୍ରଧାନ। ସେ କହିଛନ୍ତି ଯେ, ଦଳରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ସେ ଦଳୀୟ କାର୍ଯ୍ୟାଳୟକୁ ଯିବେ ଏବଂ ପୁନର୍ବାର ଦଳ ପାଇଁ କାମ କରିବେ ବୋଲି କହିଛନ୍ତି ଉଦିତ। ପ୍ରକାଶ ଥାଉ କି ଉଦିତଙ୍କ ନାଁରେ ଆସିଥିବା ଦୁଷ୍କର୍ମ ଅଭିଯୋଗ ଆସିବା ପରେ କଂଗ୍ରେସ ପକ୍ଷରୁ ତାଙ୍କୁ ସଭାପତି ପଦରୁ ନିଲମ୍ବନ କରାଯାଇଥିଲା।

## ଶଳା ଭାଉଜକୁ ଅସଦାଚରଣ କରି ଗିରଫ

ଭୁବନେଶ୍ୱର, ୧୯।୯ (ସମିସ): ଶଳା ଭାଉଜକୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ରଙ୍ଗଣୀ ସାହିର ରାଜୁ ସାହୁ (୨୪)।

ପୁଲିସ ସୂଚନାନୁସାରେ, ଗତ ବୁଧବାର ରାତି ୮ଟା ବେଳେ ଅଭିଯୋଗକାରିଣୀ ଜଗନ୍ନାଥ ନଗର ଅଞ୍ଚଳରେ ଥିବା ନିଜ ଘରେ ଥିବାବେଳେ ରାଜୁ ତାଙ୍କ ଘରକୁ ଯାଇଥିଲା। ସେ କିଛି ବୁଝିବା ଆଗରୁ ରାଜୁ ତାଙ୍କୁ ଅସଦାଚରଣ କରିଥିଲା। ସେ ବିରୋଧ କରିବାରୁ ରାଜୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା କରିବାକୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏନେଇ ପୀଡ଼ିତା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶୁକ୍ରବାର ରାଜୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ଅଟକିଲା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ**

# ଦେଶର ଅନ୍ୟ ସହରକୁ ହଁ; ଭୁବନେଶ୍ୱରକୁ ନା

ଭୁବନେଶ୍ୱର, ୧୯।୯ (ସମିସ): ଦେଶର ସମସ୍ତ ସହରରେ ମେଟ୍ରୋ ପ୍ରକଳ୍ପ ପାଇଁ ଅନୁମତି ଦିଆଯାଉଥିଲା ବେଳେ କେବଳ ଭୁବନେଶ୍ୱରକୁ ଅନୁମତି ଦିଆଯାଇନାହିଁ। ଏପରିକି ନିର୍ମାଣଧୀନ ମୋଟ୍ରୋ ପ୍ରକଳ୍ପକୁ ବନ୍ଦ କରିଦିଆଗଲା। ଏବେ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ (ବିଏମ୍‌ଆର୍‌ସି) କୁ ବନ୍ଦ କରିବାକୁ ସଜବାଜ ହେଲେଣି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ। ଛଟେଇରୁ ଆରମ୍ଭ ହୋଇ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ। ଏଠାରେ ୧୮ଜଣ କର୍ମଚାରୀ କାମ କରୁଛନ୍ତି। ଏହି କର୍ମଚାରୀମାନଙ୍କୁ ଛଟେଇ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ କର୍ମଚାରୀଙ୍କ ତାଲିକା ପ୍ରଦାନ କରିବାକୁ ବିଏମ୍‌ଆର୍‌ସିଙ୍କୁ କୁହାଯାଇଛି। ବିଏମ୍‌ଆର୍‌ସି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗକୁ କର୍ମଚାରୀଙ୍କ ତାଲିକା ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

**■ ବିଏମ୍‌ଆର୍‌ସି କର୍ମଚାରୀ ଛଟେଇ ପାଇଁ ନଗର ଉନ୍ନୟନ ବିଭାଗ ସଜବାଜ**

ଭୁବନେଶ୍ୱରରେ ମେଟ୍ରୋ ଗଡ଼ାଇବା ପାଇଁ ସହରର ଜନସଂଖ୍ୟା କମ୍ ରହିଛି। ତେଣୁ ଆଗାମ ୧୦ ବର୍ଷ ପର୍ଯ୍ୟନ୍ତ ମେଟ୍ରୋ ଚାଲିପାରିବ ନାହିଁ। ମେଟ୍ରୋ ଚାଲିଲେ କ୍ଷତି ହେବ ବୋଲି ଯୁକ୍ତ ବାଢ଼ିଲେ। ଯାହାକୁ ବିଶେଷଜ୍ଞମାନେ ବିରୋଧ କରିଛନ୍ତି। ସାଧାରଣ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସହରଗୁଡ଼ିକ ମେଟ୍ରୋ ପ୍ରକଳ୍ପକୁ ଆପଣାନ୍ତି। ଯଦି ଲାଭ ଦୃଷ୍ଟିରୁ ମେଟ୍ରୋ ଚଲାଯାଆନ୍ତି ତେବେ ଭାରତରେ କୌଣସି ମେଟ୍ରୋ ଚାଲିପାରନ୍ତା ନାହିଁ କାରଣ ସମସ୍ତ ମେଟ୍ରୋ ଏବେ କ୍ଷତିରେ ଚାଲିଛନ୍ତି।

ଚେନ୍ନାଇ, ହାଇଦରାବାଦ୍, ବେଙ୍ଗାଲୁରୁ, ପୁଣେ, ଗୁରୁଗ୍ରାମ୍ ଭଳି ସହରରେ ୧୫ ଲକ୍ଷରୁ କମ୍ ଜନସଂଖ୍ୟା ରହିଛି। ହେଲେ ଏଠାରେ ମେଟ୍ରୋ ଏବେ ଗଡୁଛି। ସୁରତରେ ଜନସଂଖ୍ୟା ୯ଲକ୍ଷ। ହେଲେ ସେଠାରେ ଏବେ ମେଟ୍ରୋ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଗୌହାଟି ସହରର ଜନସଂଖ୍ୟା ୧୨ଲକ୍ଷ ଏବଂ ଚଣ୍ଡିଗଡ଼ ସହରର ଜନସଂଖ୍ୟା ୧୩ ଲକ୍ଷ ହେଲେ ସେଠାରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି।




ସେହିପରି ଅଯୋଧ୍ୟାର ଜନସଂଖ୍ୟା ୪ଲକ୍ଷ, ମଥୁରା ଏବଂ ଝାନ୍‌ସୀ ସହରର ଜନସଂଖ୍ୟା ୪ଲକ୍ଷ ରହିଛି। ଭାବନଗର ୮ ଲକ୍ଷ ଏବଂ ଜାମନଗର ୭ ଲକ୍ଷ ଲୋକ ସଂଖ୍ୟା ରହିଛି। ଗୋରଖପୁର ଏବଂ ଜମ୍ମୁର ଜନସଂଖ୍ୟା ୮ ଲକ୍ଷ ରହିଛି। ହେଲେ ସେଠାରେ ମେଟ୍ରୋ କିମ୍ବା ଏଲ୍‌ଆର୍‌ଟିକୁ ଅନୁମୋଦନ ମିଳିଛି।

ସରକାର ପରିବର୍ତ୍ତନ ହେବା ପରେ ମେଟ୍ରୋକୁ ବନ୍ଦ ଯୋଜନା ବଦ୍ଧ ଭାବେ ସରକାରୀ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ଗୋଟିଏ ପଟେ ଏକାଧିକ ମନ୍ତ୍ରୀ ମାଟି ଭିତରେ, ପାଣି ଉପରେ କିମ୍ବା ଦୁଇ ଥାକିଆ ପୋଲ କରି କଟକ ପର୍ଯ୍ୟନ୍ତ ଗଡ଼ାଇବାକୁ କହୁଥିଲା ବେଳେ ମେଟ୍ରୋ ପକଳ୍ପ ବନ୍ଦ କରିବାକୁ ସରକାର ଭିତିରିଆ ସବୁ ପ୍ରକାର ବନ୍ଦବସ୍ତ କରିଥିଲେ। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଠିକା ସଂସ୍ଥା ସହ ସମସ୍ତ ଚୁକ୍ତି ବାତିଲ କରିବା ପରେ ରାଜ୍ୟବାସୀଙ୍କ ମୋଟ୍ରୋରେ ଯାତ୍ରା କରିବାର ସ୍ୱପ୍ନ ସମ୍ପୂର୍ଣ୍ଣ ଭାବେ ମଉଳି ଯାଇଥିଲା।

ଭୁବନେଶ୍ୱର ମେଟ୍ରୋ ପାଇଁ ୨୦୨୩ ମସିହା ଏପ୍ରିଲ ମାସରେ ମେଟ୍ରୋ ପ୍ରକଳ୍ପର ଆରମ୍ଭ ହେବ ବୋଲି ତତ୍‌କାଳୀନ ରାଜ୍ୟ ସରକାର ଘୋଷଣା କରିଥିଲେ। ୨୬ କିଲୋମିଟର ବ୍ୟାପୀ ମେଟ୍ରୋ ପ୍ରକଳ୍ପ ୨୦୨୭ରେ ଶେଷ ହୋଇଥାନ୍ତା। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୬୨୫୫କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଥିଲା ବେଳେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରି ସାରିଥିଲେ। ହେଲେ ସରକାର ପରିବର୍ତ୍ତନ ପରେ ଏହା ବନ୍ଦ ହୋଇଯାଇଛି। ଫଳରେ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ସ୍ୱପ୍ନ ଦେଖୁଥିବା ରାଜଧାନୀବାସୀଙ୍କ ମନରେ ନିରାଶାର ବାତାବରଣ ସୃଷ୍ଟି ହୋଇଛି।

## ଆମ ବସ୍‌ରେ ଛାତ୍ରୀଙ୍କୁ ଅସଦାଚରଣ; ଜଣେ ଗିରଫ



ଭୁବନେଶ୍ୱର, ୧୯।୯ (ସମିସ): ଆମ ବସରେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଆଜାଦ ନଗରର ଏମଡି ଅଲ୍ଲୀମ (୪୫)।

ପୁଲିସ ସୂଚନା ଅନୁସାରେ, ଅଲ୍ଲୀମ ନିୟମିତ ଭାବେ ଲିଙ୍ଗରାଜ ଷ୍ଟେସନ ଠାରୁ ଆମ ବସରେ ଚଢୁଥିଲା। ବସ୍ ଭିତରେ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିବା ସହ ଅସଦାଚରଣ କରୁଥିଲା। ଦୀର୍ଘ ମାସ ଧରି ଏପରି କରି ଆସୁଥିବାବେଳେ ଜଣେ ଛାତ୍ରୀ ଅଲ୍ଲୀମର କାରନାମାର ଭିଡିଓ କରି ନେଇଥିଲେ। ଏନେଇ ୫/୬ ଜଣ ଛାତ୍ରୀ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅଲ୍ଲୀମକୁ ଗିରଫ କରି ଥାନାକୁ ଆଣିଥିଲା। ଉକ୍ତ ଭିଡିଓ ଓ ଫଟୋଗ୍ରାଫ ସହ ଅଲ୍ଲୀମର ବାଇକ୍ ଜବତ କରିଥିଲା। ସେ ନିୟମିତ ଭାବରେ ଲିଙ୍ଗରାଜ ଷ୍ଟେସନ ଠାରୁ ଆମ ବସରେ ଚଢ଼ି ସୁନ୍ଦରପଦା ଠାରେ ଓହ୍ଲାଇ ପଡୁଥିଲା। ଏହାରି ଭିତରେ ବସ୍ ଭିତରେ ଛାତ୍ରୀମାନଙ୍କୁ ପିଛା କରି ଦୁର୍ବ୍ୟବହାର କରୁଥିଲା ବୋଲି ଜଣାପଡ଼ିଥିଲା।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.

| Date | Time | Location |
|---|---|---|
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam

Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.





# ଲାଲକିଲ୍ଲା ତୋରଣରେ ବିରାଜିବେ ହରପାର୍ବତୀ

**ଆସୁଛନ୍ତି ମା'**
**ୟୁନିଟ୍-୮ ରାଜ୍ କ୍ଲବ୍**





## ତିନି କିଲୋ ରୁପା ମୁକୁଟ ପରିଧାନ କରିବେ ମା'
## ଏକାଠି ପୂଜା କରିବେ ହିନ୍ଦୁ, ମୁସଲମାନ

ଭୁବନେଶ୍ୱର, ୧୯।୯(ସମିସ): ଆଶ୍ୱିନ ମାସର ଆଗମନରେ ଚଳଚଞ୍ଚଳ ହୋଇଉଠେ ଗାଁ ରୁ ସହର। ଶାରଦୀୟ ଦୁର୍ଗାପୂଜା ଆସିଲେ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସବୁରୀ ମନରେ ଭରିଯାଏ ଉତ୍କଣ୍ଠା। ଘରୁ ବାହାରିଲା ମାତ୍ରେ ଅନୁଭବ ହୁଏ ପାର୍ବଣର ମାହୋଲ। ସହରରବାସୀଙ୍କୁ ପ୍ରତିବର୍ଷ ନିଆରା ଓ ସ୍ୱତନ୍ତ୍ର ପୂଜାର ଅନୁଭବ ଦେବାପାଇଁ ବିଭିନ୍ନ ପୂଜା କମିଟି ଗୁଡ଼ିକ ପ୍ରଚେଷ୍ଟା କରିଥାନ୍ତି। ଭଳି କି ଭଳି ଡିଜାଇନ୍‌ର ତୋରଣ ସାଙ୍ଗକୁ ଆଖିଝଲସା ସାଜସଜ୍ଜା ଉପରେ ପ୍ରାୟ ସବୁ ମଣ୍ଡପର କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଉଥିବା ବେଳେ ୟୁନିଟ୍-୮ ରାଜ୍ କ୍ଲବ୍ ହରପାର୍ବତୀ ପୂଜା କମିଟି ପକ୍ଷରୁ ଏଥର ଆକର୍ଷଣ ସାଜିବ ଲାଲକିଲ୍ଲା ସଦୃଶ ତୋରଣ।

ହରପାର୍ବତୀଙ୍କ ସହ ଗଣେଶ ଓ କାର୍ତ୍ତିକ ଲାଲକିଲ୍ଲା ତୋରଣରେ ପୂଜା ପାଇବେ। ଚଳିତ ବର୍ଷ କ୍ଲବ୍ ପକ୍ଷରୁ ୩୮ ବର୍ଷରେ ପଦାର୍ପଣ କରିଛି ପୂଜା। ୪୦ଫୁଟ୍ ଉଚ୍ଚତା ଓ ୫୫ଫୁଟ୍ ଓସାରର ଏହି ତୋରଣ ନିର୍ମାଣରେ ଓଡ଼ିଶା ଓ ବଙ୍ଗୀୟ କାରିଗରମାନେ ନିୟୋଜିତ ହୋଇଛନ୍ତି। ତେବେ ଏହି ମଣ୍ଡପର ସ୍ୱତନ୍ତ୍ରତା ହେଉଛି ଏଠାରେ ସବୁ ଧର୍ମର ଲୋକମାନେ ଏକାଠି ପୂଜା କରନ୍ତି। ଯଦିଓ ମା' ଦୁର୍ଗାଙ୍କ ପୂଜା ହିନ୍ଦୁ ମାନଙ୍କର ପୂଜା ଅଟେ, କିନ୍ତୁ ଏଠାରେ ଭାଇଚାରରେ ହିନ୍ଦୁ ମୁସଲମାନ ଏକଂଇ ହୋଇ କେବଳ ପୂଜା କରନ୍ତନି ବରଂ ବିଭିନ୍ନ ପଦବୀରେ ମଧ୍ୟ ସୁଚାରୁ ରୂପେ ଦାୟିତ୍ୱ ତୁଲାଉଛନ୍ତି। ପ୍ରତି ବର୍ଷ ଭଳି ଏଥର ମଧ୍ୟ କମିଟି ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଚଳିତ ବର୍ଷ ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିଥିବା ବେଳେ ଜରିମେଢ଼ ସାଙ୍ଗକୁ ପାର୍ବତୀ ଦେବୀଙ୍କୁ ରୂପା ମୁକୁଟ ଓ ଅଳଙ୍କାରରେ ସଜ୍ଜିତ କରାଯିବ। ପ୍ରାୟ ୩କିଲୋ ଓଜନର ରୂପା ମୁକୁଟ ସାଙ୍ଗକୁ ୪କେଜିର ରୂପା ଅଳଙ୍କାର ଲାଗିବ। ସେହିପରି ଆଖିଦୃଶିଆ ଲାଇଟ୍ ଗେଟ୍ ମଧ୍ୟ ଅନ୍ୟ ଏକ ଆକର୍ଷଣ ପାଲଟିବ। ପୂଜା ବିଧି ଅନୁସାରେ, ଷଷ୍ଠୀ ରାତିରୁ ପୂଜାପାଠ ଆରମ୍ଭ ହେବ। ଷଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟକୁ ଗୁରୁତ୍ୱ ଦିଆଯିବ। ଚଳିତ ବର୍ଷ ପୂଜା ବଜେଟ୍ ୧୨ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି।



ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରାୟ ୧୦୦ସ୍ୱେଚ୍ଛାକୃତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ଓ ପୁରୁଷ ଲାଇନ୍ ବ୍ୟବସ୍ଥା ସହ ଦିବ୍ୟାଙ୍ଗ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ନିମନ୍ତେ ହ୍ୱିଲ ଚେୟାର୍ ବ୍ୟବସ୍ଥା ରହିବ। ସେହିପରି ସିସିଟିଭି କ୍ୟାମେରା ଲଗାଯିବ। ପ୍ରତିବର୍ଷ ଭଳି ଏଥର ମଧ୍ୟ କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ରାଜ୍ୟପାଳ ଓ ରାଜଭବନର ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେବେ।

-ବନପ୍ରସାଦ ପଟ୍ଟନାୟକ, ସମ୍ପାଦକ



ପ୍ରତିବର୍ଷ କମିଟି ଶୃଙ୍ଖଳିତ ପୂଜା ଉପରେ ଗୁରୁତ୍ୱ ଦେଇଥାଏ। ଏଥର ମଧ୍ୟ କମିସନରେଟ୍ ପୁଲିସର ନିୟମାବଳୀ ଅନୁସାରେ ପୂଜା ପାଳନ କରାଯିବ। ଭସାଣ ଉତ୍ସବରେ ରାଜଧାନୀ ମନ୍ଦିର ଭସାଣି ସୁରକ୍ଷା କମିଟି ପକ୍ଷରୁ ୨୦ରୁ୨୨ଟି ମେଢକୁ ସମ୍ବର୍ଦ୍ଧନା କରାଯିବ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମେୟର, ବିଧାୟକ ଓ କର୍ପୋରେଟରମାନେ ଉପସ୍ଥିତ ରହିବେ। ଶାନ୍ତି ଶୃଙ୍ଖଳାରେ କିପରି ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ପୁଲିସ୍ ସହ ସହଯୋଗ କରାଯିବ। ଡିଏଭି ସ୍କୁଲ ଛକଠାରୁ ଆରମ୍ଭ କରି ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରାଯିବ।

-ହାଇଦର ମହମ୍ମଦ, ସାଂସ୍କୃତିକ ସମ୍ପାଦକ

## ଭେଣ୍ଟିଲେଟର୍‌ରୁ ଆଇସିୟୁକୁ ଆସିଲେ ଅଭିଜିତ

ଭୁବନେଶ୍ୱର, ୧୯।୯(ସମିସ): ଭୁବନେଶ୍ୱର ଏମ୍ସ ହସ୍ପିଟାଲର ଭେଣ୍ଟିଲେଟରରୁ ଆଇସିୟୁକୁ ସ୍ଥାନାନ୍ତର ହୋଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଅଭିଜିତଙ୍କ ଫୁସଫୁସ୍ ସଂକ୍ରମଣରେ ସୁଧାର ଆସିଛି। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଟେଷ୍ଟ ରିପୋର୍ଟ



ସ୍ୱାଭାବିକ ଥିଲେ ବି ମସ୍ତିଷ୍କ ଓ ସ୍ନାୟବିକ ସ୍ଥିତି କିନ୍ତୁ ଅପରିବର୍ତ୍ତିତ ରହିଛି ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଛନ୍ତି। ସୂଚନା ଅନୁସାରେ, ଅଭିଜିତ୍ ମଜୁମଦାର ଲିଭର୍ ଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ତାଙ୍କୁ ୪ତାରିଖରେ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ କରିଥିବା ବେଳେ ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ।

## 'ଓଡ଼ିଶା ଫଟୋ ଫେୟାର' ଉଦ୍‌ଘାଟିତ



ଭୁବନେଶ୍ୱର, ୧୯।୯(ସମିସ): ଫୋଟୋଗ୍ରାଫର ମହାସଂଘ ଅଫ ଓଡ଼ିଶା ପକ୍ଷରୁ ସୋଆ କନଭେନସନ -୨ ଠାରେ ଓଡ଼ିଶା ଫଟୋ ଫେୟାର ୨୦୨୫ ଉଦଘାଟନ ହୋଇଯାଇଛି। ଏହାକୁ ଅଭିନେତା ଅନୁଭବ ମହାନ୍ତି ଉଦଘାଟନ କରଥିଲେ। ତାଙ୍କ ସହିତ ଆଗାମୀ ଚଳଚିତ୍ର 'ଚାରିଧାମ'ର ଅନ୍ୟ କଳାକାରମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଏବଂ ଓଡ଼ିଶା ବାହାର ବିଭିନ୍ନ ଫଟୋଗ୍ରାଫର ଆସୋସିଏସନର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସଙ୍ଘ ଓଡ଼ିଶାର ୪୫ରୁ ଅଧିକ ସ୍ଥାନୀୟ ଏବଂ ଜିଲ୍ଲାସ୍ତରୀୟ ସଙ୍ଘକୁ ନେଇ ଗଠିତ। ଏଥିରେ ଦଶ ହଜାରରୁ ଅଧିକ ଫୋଟୋଗ୍ରାଫର ଜଡ଼ିତ ଅଛନ୍ତି। ଏଥିରେ ସଂଘର ମୁଖ୍ୟ ଉପଦେଷ୍ଟା ଅତୁଲ ସଙ୍ଘବି, ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଜ୍ୱାବେଦ ଅହମଦ ଏବଂ ଅନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଏହାକୁ ସଂଘର ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ମହାକୁଲ ପରିଚାଳନା କରିଥିଲେ। ଏହି ଫୋଟୋ ମେଳା ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି।

## 'ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ'ର ଆଞ୍ଚଳିକ ସମ୍ମିଳନୀ




ଭୁବନେଶ୍ୱର, ୧୯।୯(ସମିସ): ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ, ଓଡ଼ିଶା ରିଜିଅନ ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର 'ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ'ର ଦ୍ୱାଦଶ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'କାନ୍ଥ ନୁହେଁ, ସେତୁ ନିର୍ମାଣରେ ଦୟା ଓ ସହାନୁଭୂତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗଦେଇ କହିଥିଲେ ଯେ, ପରିବାର, ସମାଜ ଏବଂ ରାଷ୍ଟ୍ରକୁ ପୁନଃନିର୍ମାଣ କରିବାରେ ଦୟା ଓ ସହାନୁଭୂତି ହେଉଛି ଜୀବନ୍ତ ଶକ୍ତି। ସମସ୍ତେ ପ୍ରେମ ଓ ସେବାର ସେତୁ ନିର୍ମାଣ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଥିଓସୋଫିକାଲ ଅର୍ଡର ଅଫ ସର୍ଭିସର ଜାତୀୟ ନିର୍ଦ୍ଦେଶକ କେ. ଶିବ ପ୍ରସାଦ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହେବା ସହ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶା ରିଜିଅନ୍ ଅଧ୍ୟକ୍ଷା ଡ. ଦୀପା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସୋଆ କ୍ରିଆଟିଭୋର 'ମା-୨୦୨୫'

ଭୁବନେଶ୍ୱର, ୧୯।୯(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ବାର୍ଷିକ ଶାରଦୀୟ ଉତ୍ସବ 'ମା-୨୦୨୫' କ୍ୟାମ୍ପସ୍-୪ରେ ପାର୍ବଣର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଉପସଭାପତି ଶାଶ୍ୱତି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଓ ଡ. ଦୀପାଳି ଦାଶ ମଞ୍ଚ ସଂଯୋଜନା କରିଥିବା ବେଳେ ପାରମ୍ପରିକ ଓଡ଼ିଶୀ, ଛଉ, ବାଘ ନାଚ, କେନ୍ଦେରା, ଦାସକାଠିଆ, ଚକୁଳିଆ ପଣ୍ଡା, ସମ୍ବଲପୁରୀ ଆଦି ଲୋକକଳା ପରିବେଷଣ ହୋଇଥିଲା।



## କିଟ୍, କିସ୍ ଓ ୟୁନେସ୍କୋ ଏମଜିଆଇଇପି ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ



ଭୁବନେଶ୍ୱର, ୧୯।୯(ସମିସ): ଜାତିସଂଘ ଶତତ ବିକାଶ ଲକ୍ଷ୍ୟ(ଏସ୍‌ଡିଜି) ୪.୭ର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ (ଏମଜିଆଇଇପି) ଓ କିଟ୍-କିସ୍ ମଧ୍ୟରେ ଏକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ନେତୃତ୍ୱରେ ୟୁନେସ୍କୋ ଏମଜିଆଇଇପି ଦ୍ୱାରା ଆୟୋଜିତ 'ଭାରତରେ ଶାନ୍ତି ପାଇଁ ଶିକ୍ଷା' ଉପରେ ଗୋଲ୍‌ଟେବୁଲ ବୈଠକରେ ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରି ସାମାଜିକ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ।

## ଆଜି 'ସୀତାକାନ୍ତ ମହାପାତ୍ରଙ୍କ ସାରସ୍ୱତ ସମ୍ଭାର' ଆଲୋଚନାଚକ୍ର

ଭୁବନେଶ୍ୱର, ୧୯।୯(ସମିସ): ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସହିତ୍ୟ ଆଲୋଚନାଚକ୍ର ଶନିବାର ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହରେ ଅନୁଷ୍ଠିତ ହେବ। 'ସୀତାକାନ୍ତ ମହାପାତ୍ରଙ୍କ ସାରସ୍ୱତ ସମ୍ଭାର' ବିଷୟକୁ ନେଇ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସମିତିର ପ୍ରାକ୍ତନ ସଭାପତି, ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ସାହିତ୍ୟକଙ୍କର ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମରେ ସଭ୍ୟସଭ୍ୟାଗଣ ଯୋଗଦେବା ପାଇଁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି।

## ସରଦେଇପୁର ସ୍କୁଲ୍‌ରେ 'ଆସ ସ୍କୁଲ୍ ଯିବା' ପଦଯାତ୍ରା




ବାଲିଅନ୍ତା, ୧୯।୯(ସମିସ): ସରଦେଇପୁର ସରକାରୀ ଉପ୍ରା ବିଦ୍ୟାଳୟରେ "ଆସ ସ୍କୁଲଯିବା" ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସିମନ୍ତିନୀ କରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷା କମିଟି କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଘରକୁ ଘର ବୁଲି ଏସଂକ୍ରାନ୍ତ ପ୍ଲାକାର୍ଡ ବଣ୍ଟନ କରାଯାଇଥିଲା। ସିଆରସିସି ମମତା ଦେବୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକମାନେ କରିଥିବା ସିଟିଏସ ସର୍ଭେ ସମୟରେ ଅଧାରୁ ପାଠ ଛାଡିଥିବା ୧୪ ବର୍ଷରୁ ଉର୍ଦ୍ଧ୍ୱ ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଆଇଟିଆଇ ନାମ ଲେଖାଇବା ପାଇଁ ସଚେତନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ପ୍ରଧାନ, ମୋ ସ୍କୁଲ ସଭାପତି ବେଣୁଧର ମଲ୍ଲିକ, ଶିକ୍ଷକ ପିନାକି ମହାନ୍ତି, ସୁଷମା ଶତପଥୀ, ପ୍ରିୟଦତ୍ତା ମାହୁନ୍ତ, ଧରିତ୍ରୀ ପ୍ରଭା ଜେନା, ଗଣେଶ କୁମାର ବଳିୟାର ସିଂ ପ୍ରମୁଖ ସାମିଲ ଥିଲେ।

## ୟୁନିକ୍ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ 'ୟୁନିକ୍ରାଫ୍ଟ'



ଭୁବନେଶ୍ୱର, ୧୯।୯ (ସମିସ): ୟୁନିକ୍‌ଆର୍ଟଆଣ୍ଡକ୍ରାଫ୍ଟପକ୍ଷରୁଜୟଦେବଭବନରେପ୍ରଦର୍ଶନୀ ମେଳା ୟୁନିକ୍ରାଫ୍ଟ ୨୦୨୫ ଆୟୋଜିତ ହୋଇଯାଇଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ଚିତ୍ରକର ନିଜ ନିଜର କଳା ପ୍ରଦର୍ଶନ ପାଇଁ ଯୋଗ ଦେଇଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହେଇଥିବା ଏହି ପ୍ରଦର୍ଶନୀ ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିତ୍ରକର ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ରେଡ଼ିଓ ଭୁବନେଶ୍ୱର ଷ୍ଟେସନ ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗ ଦେଇଥିଲେ। ଏହି ମେଳାରେ ହାତବୁଣା ବିଭିନ୍ନ ଜିନିଷ ଲୋକଙ୍କୁ ଆକୃଷ୍ଟ କରିଥିଲା। ୟୁନିକ ଆର୍ଟ ଆଣ୍ଡ କ୍ରାଫ୍ଟର ମୁଖ୍ୟ ଉଜ୍ଜ୍ୱଳ ଚୌଧୁରୀ ଏହି କାର୍ଯ୍ୟକ୍ରମ ଜରିଆରେ ଚିତ୍ର ତଥା ହାତବୁଣା କ୍ରାଫ୍ଟ ପ୍ରତି ରୁଚି ରଖୁଥିବା ଲୁକ୍କାଇତ ପ୍ରତିଭାଙ୍କୁ ସୁଯୋଗ ଦେବା ଦରକାର ବୋଲି ଛାତ୍ରଛାତ୍ରୀ ଅଭିଭାବକଙ୍କୁ କହିଛନ୍ତି।

## ରୋଟାରିଆନ୍ ଇଂ. ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍



ଭୁବନେଶ୍ୱର, ୧୯।୯(ସମିସ): ଆମେରିକାନ୍ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ସମାରୋହରେ ରୋଟାରିଆନ ଇଂ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି।

## ୱାର୍ଡ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କର୍ପୋରେଟର

ଭୁବନେଶ୍ୱର, ୧୯।୯ (ସମିସ): ୱାର୍ଡ ନମ୍ବର ୩୭ର କର୍ପୋରେଟର ବନ୍ଦିତା ପାଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜିଏର ଅନୁମତି ପ୍ରଦାନ, କମ୍ୟୁନିଟ ହଲ ନିର୍ମାଣ ପ୍ରଭୃତି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ମୋହାନ ଚରଣ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଏନେଇ କର୍ପୋରେଟରଙ୍କ ସହ ଆଲୋଚନା କରିଥିଲେ। ୱାର୍ଡ ସମସ୍ୟାର କିଭଳି ସମାଧାନ ହୋଇପାରିବ ସେଦିଗରେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା କର୍ପୋରେଟର କହିଛନ୍ତି।

# ପୂଜା ବଜାରରେ କମିଯାଉଛି ଓଡ଼ିଆ ସିନେମା

ଭୁବନେଶ୍ୱର, ୧୯।୯(ସମିସ): ପାର୍ବଣରେ ବଜାରକୁ ନେଇ ସାଧାରଣରେ ଯେତିକି ଉତ୍ସାହ ରହିଥାଏ ସେହିପରି ଓଡ଼ିଆ ସିନେମାକୁ ନେଇ ମଧ୍ୟ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଥାଏ। ସାଧାରଣତଃ ଦଶହରା, ରଜ ଓ ନୂଆବର୍ଷରେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭିଡ଼ ମଜୁଥିବା ବେଳେ ସିନେମାର କାହାଣୀ ଓ ନାୟକ ନାୟିକାଙ୍କ ମଧ୍ୟରେ ଚାଲେ ପ୍ରତିଯୋଗିତା। ଚାହିଦା ବଢୁଥିଲେ ବି ଓଡ଼ିଆ ସିନେମା ପ୍ରତି ପୂର୍ବଭଳି ଦର୍ଶକଙ୍କ ଭଲପାଇବା କମିନଥିବା ଦେଖିବାକୁ ମିଳିଥିଲା। ଦଶହରା ହେଉ ଅବା ରଜରେ ୪ରୁ ୫ଟି ସିନେମା ହଲ୍‌ରେ ରିଲିଜ୍ ହେଉଥିଲେ ବି ସିନେମା ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଥିଲା। କିନ୍ତୁ ଚଳିତ ବର୍ଷ କେବଳ ୨ଟି ସିନେମା ରିଲିଜ୍ ହେଉଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନୁଭବ ମହାନ୍ତିଙ୍କ

### ଏଥର ଦଶହରାରେ ପ୍ରେକ୍ଷାଳୟକୁ ଆସିବ ମାତ୍ର ୨ ଚଳଚ୍ଚିତ୍ର




'ଚାରିଧାମ' ଏବଂ ଅର୍ଦ୍ଧେନ୍ଦୁଙ୍କ 'ଚ୍ୟାଲେଞ୍ଜ' ଫିଲ୍ମ ମଧ୍ୟରେ ହେବ ପ୍ରତିଯୋଗିତା। ସୁପରଷ୍ଟାର ବାବୁସାନ୍, ସବ୍ୟସାଚୀ, ଆକାଶ ଦାସ ନାୟକ, ସ୍ୱରାଜ ପ୍ରମୁଖ କଳାକାରଙ୍କ କୌଣସି ସିନେମା ଦେଖିବାକୁ ମିଳିବନି। ତେବେ ଗତବର୍ଷ ଦଶହରାରେ ମୋଟ୍ ୪ଟି ସିନେମା ହଲ ରିଲିଜ୍ ହୋଇଥିବା ବେଳେ ଅନୁଭବଙ୍କ ଅଭିନୀତ 'କର୍ମ' ଓ ଅର୍ଦ୍ଧେନ୍ଦୁଙ୍କ 'ଭିଲେନ୍' ମଧ୍ୟ ରହିଥିଲା। ଚଳିତ ବର୍ଷ ମଧ୍ୟ ଏହି ଦୁଇ ଅଭିନେତାଙ୍କ ସିନେମା ଏକାଠି ଦେଖିବାକୁ ମିଳିବ ଏବଂ ଆସନ୍ତା ରଜରେ ବାବୁଶାନଙ୍କ ଅଭିନୀତ ସିନେମା ବଡ଼ ପରଦାକୁ ଆସିବ ବୋଲି କୁହାଯାଉଛି। ଗତ ରଜରେ ବାବୁସାନଙ୍କ 'ପାୱାର' ସିନେମା ବେଶ୍ ଦର୍ଶକ ଆଦୃତି ଲାଭ କରିଥିଲା। ତେବେ ଦଶହରାରେ ଅନୁଭବ ଏବଂ ରଜରେ ବାବୁଶାନଙ୍କ ସିନେମା ରିଲିଜ୍ ହେବା ଓଡ଼ିଆ ସିନେମାର ଏଭଳି ନୂଆ ଧାରା ଦେଖିବାକୁ ମିଳିଛି। ସମସ୍ତ ସୁପରଷ୍ଟାରଙ୍କ ଅଭିନୀତ ସିନେମା ଏକାଠି ରିଲିଜ୍ ହେଲେ ପରସ୍ପର ମଧ୍ୟରେ ପ୍ରତିଯୋଗିତା ହେଉଥିବା




ବକ୍ସ ଅଫିସରେ ସଫଳତା ହାସଲ କରିବାକୁ ନିଜ ନିଜ ଫିଲ୍ମ ପ୍ରମୋସନରେ ଲାଗିପଡ଼ନ୍ତି କଳାକାରଙ୍କ ଠାରୁ ଆରମ୍ଭ କରି ପ୍ରଯୋଜକ ଓ ନିର୍ଦ୍ଦେଶକ। କିନ୍ତୁ ଚଳିତ ବର୍ଷ ଦଶହରାରେ ମାତ୍ର ୨ଟି ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' ଓ 'ଚାରିଧାମ' ହଲ୍‌ରେ ରିଲିଜ୍ ହେବାକୁ ଥିବା ବେଳେ ଓଟିଟି ପ୍ଲାଟଫର୍ମରେ 'ଘମାଘୋଟ' ଏବଂ ଟିଭି ପରଦାରେ ଗୋଟିଏ ଓଡ଼ିଆ ସିନେମା 'ଦଶମ' ଦେଖିବାକୁ ମିଳିବ। ଯାହାକି ଦର୍ଶକଙ୍କୁ ନିରାଶ କରିଥିବା କୁହାଯାଉଛି।

ଦୀର୍ଘବର୍ଷ ଧରି ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଇଥିବା ଦର୍ଶକଙ୍କୁ 'ଦମନ', 'ପ୍ରତୀକ୍ଷା' ଭଳି ମୌଳିକ କାହାଣୀକୁ ନେଇ ନିର୍ମିତ ସିନେମା ପୁଣି ଥରେ ହଲ୍‌ମୁହାଁ କରାଇବାରେ ସଫଳ ହୋଇଥିଲା। ଓଟିଟି ପ୍ଲାଟଫର୍ମର ବେଳେ ଦର୍ଶକମାନଙ୍କ ମଧ୍ୟରେ ଦ୍ୱନ୍ଦ ଉପୁଜୁଥିବାରୁ ଏହି ଧାରା ଆରମ୍ଭ ହୋଇଥିବା ଆଲୋଚନା ହେଉଛି। ତେବେ ବାବୁଶାନଙ୍କ 'ବୋଉ ବୁଟୁ ଭୂତ' ଏବଂ ସବ୍ୟସାଚୀଙ୍କ 'ଅନନ୍ତା' ଏକାସାଙ୍ଗରେ ରିଲିଜ୍ ହୋଇଥିଲେ ମଧ୍ୟ ଉଭୟ ସିନେମାକୁ ବେଶ୍ ସଫଳତା ମିଳିଥିଲା। ସେହିପରି ନିକଟରେ 'ନବକଳେବର', 'ଡେଲିଭରି ବୟ-୨'କୁ ମଧ୍ୟ ବେଶ୍ ସଫଳତା ମିଳିଥିବା ବେଳେ 'ପୁଷ୍କରା'କୁ ଜାତୀୟ ପୁରସ୍କାର ମିଳିଛି। ତେଣୁ ସିନେମାର ସଫଳତା ଅଭିନେତା ଓ ଅଭିନେତ୍ରୀଙ୍କ ସହ କାହାଣୀ ଉପରେ ନିର୍ଭର କରୁଥିବାରୁ ଯଦି କାହାଣୀ ଭଲ ହେବ ତେବେ ଏକା ସାଙ୍ଗରେ ଯେତେ ସିନେମା ରିଲିଜ୍ ହେଲେ ମଧ୍ୟ ଦର୍ଶକ ସମସ୍ତ ସିନେମା ଦେଖିବେ ବୋଲି ଦର୍ଶକମାନେ ମତ ଦେଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୭୫
- ୟୁରୋ ୧୦୪.୫୩ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୨,୨୦୦ (ନୂଆଦିଲ୍ଲୀ)
- ରୁପା : ୧,୩୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୬୨୬.୦୦
- ନିଫ୍ଟି ୨୫,୩୨୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବ୍ୟାଙ୍କଙ୍କୁ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ

# ସର୍ବନିମ୍ନ ବାଲାନ୍ସ ,ଡେବିଟ୍ କାର୍ଡ, ଲେଟ୍ ପେମେଣ୍ଟ ଫି' କମାଅ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗ୍ରାହକମାନଙ୍କଠାରୁ ଆଦାୟ କରାଯାଉଥିବା କିଛି ଫି' ହ୍ରାସ କରିବାକୁ ଯାଉଛି। ଏ ନେଇ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏଥିରେ ଡେବିଟ୍ କାର୍ଡ ପାଇଁ ଶୁଳ୍କ, ବିଳମ୍ବ ପେମେଣ୍ଟ ଏବଂ ସର୍ବନିମ୍ନ ବାଲାନ୍ସ ଭଳି କେତେକ କ୍ଷେତ୍ରରେ ବ୍ୟାଙ୍କ ନେଉଥିବା ଫି' ହ୍ରାସ କରିବାକୁ ରିଜର୍ଭ ବ୍ୟାଙ୍କ କହିଛି। ଏକ ରିପୋର୍ଟ ଅନୁଯାୟୀ, ଏହି ପଦକ୍ଷେପ ବ୍ୟାଙ୍କଗୁଡ଼ିକର ରାଜସ୍ୱକୁ ମଧ୍ୟ ପ୍ରଭାବିତ କରିପାରେ। ବ୍ୟାଙ୍କଗୁଡ଼ିକ ଖୁଚୁରା ଋଣ ଉପରେ ଅଧିକ ଧ୍ୟାନ ଦେଉଥିବାରୁ ରିଜର୍ଭ ବ୍ୟାଙ୍କ ଏଭଳି ପଦକ୍ଷେପ ନେଇଛି। କର୍ପୋରେଟ୍ ଋଣରେ କ୍ଷତି ସହିବା ପରେ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ବ୍ୟକ୍ତିଗତ ଋଣ, କାର୍ ଋଣ ଏବଂ କ୍ଷୁଦ୍ର ବ୍ୟବସାୟ ଋଣରୁ ଭଲ ଲାଭ ସୃଷ୍ଟି କରୁଛନ୍ତି।




ଗରିବ ଏବଂ ନିମ୍ନ ଆୟକାରୀ ଗ୍ରାହକମାନଙ୍କୁ ଏପରି ଫି' ବିଶେଷ ଭାବରେ ଚିନ୍ତାରେ ପକାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ଅନୁଭବ କରୁଛି। ଏହା ଏବେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଯଦିଓ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ଶୁଳ୍କ ହ୍ରାସ କରିବାକୁ ପରାମର୍ଶ ଦେଇଛି, ତଥାପି ଏ ନେଇ କୌଣସି ନିର୍ଦ୍ଦିଷ୍ଟ ସୀମା ସ୍ଥିର କରିନାହିଁ। ବ୍ୟାଙ୍କ ବଜାରର ତଥ୍ୟ ଅନୁଯାୟୀ, ଖୁଚୁରା ଏବଂ କ୍ଷୁଦ୍ର ବ୍ୟବସାୟ ଋଣ ପାଇଁ ପ୍ରକ୍ରିୟାକରଣ ଫି' ବର୍ତ୍ତମାନ ୦.୫% ରୁ ୨.୫% ପର୍ଯ୍ୟନ୍ତ ରହିଛି। କିଛି ବ୍ୟାଙ୍କ ଗୃହ ଋଣ ଫି ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ ରଖିଛନ୍ତି। ଚଳିତ ବର୍ଷ ବ୍ୟାଙ୍କଗୁଡ଼ିକର ଫି' ବାବଦ ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଛି। ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ଜୁନ୍ ଶେଷ ତ୍ରୈମାସିକରେ ଫି'ରୁ ସଂଗୃହୀତ ରାଜସ୍ୱ ୧୨% ବୃଦ୍ଧି ପାଇ ୫୧୦.୬ ବିଲିୟନ ଡଲାର ହୋଇଛି। ଏହା ପୂର୍ବ ବର୍ଷ ତୁଳନାରେ ୬% ଅଧିକ।

ରିଜର୍ଭ ବ୍ୟାଙ୍କ ମତରେ ସମାନ ଉତ୍ପାଦ ପାଇଁ ବିଭିନ୍ନ ଗ୍ରାହକଙ୍କଠାରୁ ଭିନ୍ନ ଭିନ୍ନ ଶୁଳ୍କ ଆଦାୟ କରାଯାଉଛି। ଏହା ଅନ୍ୟାୟ। ଇଣ୍ଡିଆନ୍ ବ୍ୟାଙ୍କ ଆସୋସିଏସନ୍ (ଆଇବିଏ) ମଧ୍ୟ ଆର୍‌ବିଆଇ ର ଯାଞ୍ଚ ଅଧୀନରେ ୧୦୦ରୁ ଅଧିକ ଖୁଚୁରା ଉତ୍ପାଦ ଉପରେ ବ୍ୟାଙ୍କ ସହିତ ଆଲୋଚନା କରୁଛି। ୨୦୨୪ ମାର୍ଚ୍ଚରେ ଆର୍‌ବିଆଇ ଗଭର୍ଣ୍ଣର ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି ଗୁଡିକୁ ଗ୍ରାହକଙ୍କ ଅଭିଯୋଗର ସମାଧାନ କରିବାକୁ କହିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ଏମ୍‌ଡି ଏବଂ ସିଇଓ ଭଳି ବରିଷ୍ଠ ବ୍ୟାଙ୍କ ଅଧିକାରୀମାନେ ସପ୍ତାହରେ ଥରେ ଅଭିଯୋଗ ସମାଧାନ ପାଇଁ ସମୟ ଉତ୍ସର୍ଗ କରିବା ଉଚିତ।

# ରିଲାଏନ୍ସ ଡିଜିଟାଲ୍‌ରେ କମ୍ ହେଲା ଆଇଫୋନ୍ ମୂଲ୍ୟ

ଭୁବନେଶ୍ୱର,୧୯।୯ (ସମିସ): ବହୁପ୍ରତୀକ୍ଷିତ ଆପଲ୍ ଆଇଫୋନ୍-୧୭ ସିରିଜ୍‌ର ବଜାର ପ୍ରବେଶ ହୋଇଛି। ଇଲେକ୍ଟ୍ରୋନିକ୍ସ ଖୁଚୁରା ଶୃଙ୍ଖଳା ରିଲାଏନ୍ସ ଡିଜିଟାଲ୍ ଏହାର ଗ୍ରାହକମାନଙ୍କ ଲାଗି ନିଶ୍ଚିତ କରେ ଯେ ସାରା ଦେଶରେ ମହାନଗରରୁ ଛୋଟ ସହର ପର୍ଯ୍ୟନ୍ତ ଆପଲ୍ ଫୋନ୍‌ର ଉତ୍ସାହୀମାନେ ଏହି ନୂତନ ଆଇଫୋନ୍‌ର ମାଲିକ ହେବାରେ ପ୍ରଥମ ହୋଇପାରିବେ। ଇଲେକ୍ଟ୍ରୋନିକ୍ସ ଖୁଚୁରା ଶୃଙ୍ଖଳା ରିଲାଏନ୍ସ ଡିଜିଟାଲ୍ ଏହାର ଗ୍ରାହକମାନଙ୍କ ଲାଗି ଚଳିତ ଋତୁରେ, ଆଇଫୋନ୍-୧୬ ପ୍ଲସ୍ ଏବଂ ଆଇଫୋନ୍-୧୬ଇ ର ସର୍ବନିମ୍ନ ମୂଲ୍ୟ ସହିତ ଉପଲବ୍ଧ। ପ୍ରଥମ ଥର ପାଇଁ ଆଇଫୋନ୍-୧୬ ପ୍ଲସ୍ ୫୭,୯୯୦ ଟଙ୍କାରେ ଉପଲବ୍ଧ ହେଉଛି, ଯେତେବେଳେ କି ଆଇଫୋନ୍-୧୬ଇ ମାତ୍ର ୪୨,୯୯୦ ଟଙ୍କାରେ ମିଳୁଛି। ଏହାଛଡା ଆଇଫୋନ୍-୧୬ ପ୍ଲସ୍ ବଡ଼ ସ୍କ୍ରିନ୍ ଭିଡିଓ ଦେଖିବା, ଖେଳ ଖେଳିବା ଏବଂ ମଲ୍ଟିଟାସ୍କିଂ ପାଇଁ ଅଧିକ ନିବିଡ଼ ଅଭିଜ୍ଞତା ପ୍ରଦାନ କରୁଛି। ଏହି ଅଫରଗୁଡ଼ିକ କେବଳ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଉପଲବ୍ଧ ହେବ।




# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନୁଗୋଳ ଷ୍ଟୋରରେ ଆର୍ଟିଷ୍ଟ୍ରୀ ଶୋ'




ଭୁବନେଶ୍ୱର,୧୯।୯ (ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ଅନୁଗୁଳ ଶୋ'ରୁମ୍‌ରେ ୧୯ ସେପ୍ଟେମ୍ବରରୁ ୨୨ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଆର୍ଟିଷ୍ଟ୍ରୀ ସୋ' ଆରମ୍ଭ କରିଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବିସ୍ତୃତ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରର କଳାତ୍ମକ ସୂକ୍ଷ୍ମତା ପ୍ରଦର୍ଶନ କରିବ। ଆଦର୍ଶ ଗ୍ରୁପ୍ ଅନୁଗୋଳର ଅଧ୍ୟକ୍ଷ ଡକ୍ଟର ମହେଶ ଚନ୍ଦ୍ର ଧଳ ଏବଂ ଉପାଧ୍ୟକ୍ଷ ଅର୍ଚ୍ଚ୍ୟସୁତା ଧଳ ଏବଂ ଅନୁଗୋଳ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ସମସ୍ତ ପରିଚାଳନା ଟିମ୍‌ର ଉପସ୍ଥିତିରେ ଆର୍ଟିଷ୍ଟ୍ରୀ ସୋ'ର ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର କଳା ଏବଂ ଦକ୍ଷ ହସ୍ତଶିଳ୍ପର ପ୍ରମାଣ। ଏହି କଲେକ୍‌ସନ୍‌ରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସ୍ୱତନ୍ତ୍ର ବ୍ରାଣ୍ଡ, ଯେପରିକି ମାଇନ୍ ଡାଏମଣ୍ଡ ଅଳଙ୍କାର, ଏରା ଅନକଟ ହୀରା, ପ୍ରିସିଆ ରତ୍ନ ପଥର ଅଳଙ୍କାର, ଏଥନିକ୍ସ ହସ୍ତଶିଳ୍ପ ଅଳଙ୍କାର, ଭିରାଜ ରୟାଲ୍ ପୋଲକି ଅଳଙ୍କାର ଏବଂ ଅନ୍ୟାନ୍ୟ ବ୍ରାଣ୍ଡରୁ ପ୍ରସ୍ତୁତ ଡିଜାଇନ୍‌ଗୁଡ଼ିକ ସର୍ବାଧିକ ନିଖୁଣତା ସହିତ ପ୍ରସ୍ତୁତ କରାଯାଇଛି।

### ୟୁଆଇଡିଏଆଇର ସଂଶୋଧନ ନିୟମରେ ବଡ଼ ପରିବର୍ତ୍ତନ

# କୋ-ଅପରେଟିଭ୍ ବ୍ୟାଙ୍କ ଚଳାଇପାରିବେ ଆଧାର ଭିତ୍ତିକ ପେମେଣ୍ଟ ସେବା

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି)

ଭାରତୀୟ ଅନନ୍ୟ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଏକ ସଂଶୋଧିତ ଢାଞ୍ଚା ଜାରି କରିଛି। ଏହି ଢାଞ୍ଚା ଅଧୀନରେ, ସମବାୟ ବ୍ୟାଙ୍କଗୁଡ଼ିକ ଏଣିକି ଲୋକଙ୍କୁ ଆଧାର-ସକ୍ଷମ ପେମେଣ୍ଟ ସେବା ପ୍ରଦାନ କରିପାରିବେ। ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୁଟାନି କହିଛନ୍ତି ଯେ ଏହି ପଦକ୍ଷେପ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଡିଜିଟାଲ୍ ଆର୍ଥିକ ସେବାର ପହଞ୍ଚକୁ ଆହୁରି ବିସ୍ତାର କରିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପଦକ୍ଷେପ ସମବାୟ ବ୍ୟାଙ୍କଗୁଡ଼ିକୁ ଅଧିକ ଦକ୍ଷ ଏବଂ ସ୍ୱାବଲମ୍ବୀ ଆର୍ଥିକ ପ୍ରତିଷ୍ଠାନ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ।




ନୂତନ ଢାଞ୍ଚା ଦୀର୍ଘକାଳୀନ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରେ ଯାହା ଅନୁପାଳନ ମୂଲ୍ୟ ଚିନ୍ତା ଯୋଗୁଁ ସମବାୟ ବ୍ୟାଙ୍କଗୁଡ଼ିକୁ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରୁ ଦୂରରେ ରଖିଥିଲା। ୟୁଆଇଡିଏଆଇ ଏହି ସରଳୀକୃତ ବ୍ୟବସ୍ଥାକୁ ସମବାୟ ମନ୍ତ୍ରଣାଳୟ, ନାବାର୍ଡ, ଏନ୍‌ପିସିଆଇ ଏବଂ ସମବାୟ ବ୍ୟାଙ୍କଗୁଡ଼ିକ ସହିତ ପରାମର୍ଶ କରି ବିକଶିତ କରିଛି। ସଂଶୋଧିତ ଢାଞ୍ଚା ଅଧୀନରେ, କେବଳ ୩୪ଟି ରାଜ୍ୟ ସମବାୟ ବ୍ୟାଙ୍କ ୟୁଆଇଡିଏଆଇ ସହିତ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି ଏବଂ ଇକେୱାଇସି ଉପଭୋକ୍ତା ଏଜେନ୍ସି ଭାବରେ ପଞ୍ଜିକୃତ ହେବ। ୩୫୧ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି) ସେମାନଙ୍କ ରାଜ୍ୟ ବ୍ୟାଙ୍କର ଆଧାର ପ୍ରମାଣୀକରଣ ଢାଞ୍ଚାକୁ ବ୍ୟବହାର କରିପାରିବେ, ଯାହା ଦ୍ୱାରା ପୃଥକ ଆଇଟି ସିଷ୍ଟମର ଆବଶ୍ୟକତା ଦୂର ହେବ।

ଏ ସମ୍ପର୍କରେ ୟୁଆଇଡିଏଆଇ ସିଇଓ ଭୁବନେଶ କୁମାର କହିଛନ୍ତି ଯେ ସଂଶୋଧିତ ଢାଞ୍ଚା ଏକ ଦୃଢ଼ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ବ୍ୟବସ୍ଥା। ଏହା ଦେଶବ୍ୟାପୀ ସମବାୟ ବ୍ୟାଙ୍କଗୁଡ଼ିକୁ ଆଧାର-ସକ୍ଷମ ପ୍ରମାଣୀକରଣ ଏବଂ ଇ-କେୱାଇସି ସେବା ଗ୍ରହଣ କରିବାରେ ଯଥେଷ୍ଟ ସୁବିଧା ପ୍ରଦାନ କରିବ।

# ଅଲ-ନ୍ୟୁ ଆଲଟ୍ରୋଜ୍‌କୁ ୫ ତାରକା ସେଫ୍ଟି ରେଟିଂ

ମୁମ୍ବଇ, ୧୯।୯ (ଏଜେନ୍ସି): ଟାଟା ମୋଟର୍ସ ଆଜି ଘୋଷଣା କରିଛି ଯେ ଅଲ-ନ୍ୟୁ ଆଲଟ୍ରୋଜ ଭାରତ ଏନସିଏପିରୁ ସମ୍ମାନଜନକ ୫ ତାରକା ସୁରକ୍ଷା ମୂଲ୍ୟାୟନ ହାସଲ କରିଛି। ବୟସ୍କ ବ୍ୟକ୍ତିଙ୍କ ସୁରକ୍ଷା କ୍ଷେତ୍ରରେ ୨୯.୬୫ / ୩୨ ଏବଂ ଶିଶୁ ଦଖଲକାରୀ ସୁରକ୍ଷା କ୍ଷେତ୍ରରେ ୪୪.୯ / ୪୯ ର ଏକ ପ୍ରଭାବଶାଳୀ ସ୍କୋର ସହିତ, ଆଲଟ୍ରୋଜ ବର୍ତ୍ତମାନ ସରକାରୀ ଭାବରେ ଭାରତର ସୁରକ୍ଷିତ ହ୍ୟାଚବ୍ୟାକ୍ ଝ ଏହାର ବିଭାଗରେ ସୁରକ୍ଷା ପାଇଁ ମାନଦଣ୍ଡ ଭାବରେ ସମକକ୍ଷ, ଆଲଟ୍ରୋଜ ପ୍ରଥମ ହ୍ୟାଚବ୍ୟାକ୍ ଥିଲା ଯାହାକି ୨୦୨୦ ରେ ଗ୍ଲୋବାଲ୍ ଘଡଇଚ ରୁ ୫ ତାରକା ମୂଲ୍ୟାୟନ ସୁରକ୍ଷିତ କରିଥିଲା। ଉଲ୍ଲେଖଯୋଗ୍ୟ, ପେଟ୍ରୋଲ, ଡିଜେଲ ଏବଂ ସିଏନଜି ପାୱାରଟ୍ରେନ୍ ଯୋଗାଇବାରେ ଏହା ଭାରତର ଏକମାତ୍ର ପ୍ରିମିୟମ୍ ହ୍ୟାଚ୍ ବ୍ୟାକ୍। ଏହା ମଧ୍ୟ ଏହାର ସେଗମେଣ୍ଟ ଏବଂ ଶରୀର ଶୈଳୀରେ ପ୍ରଥମ କାର ହୋଇ ଇତିହାସ ସୃଷ୍ଟି କରିଛି, ଏହାର ସମସ୍ତ ପାୱାର୍ ଟ୍ରେନ୍ ମଧ୍ୟରେ ଭାରତ ଏନସିଏପି ପ୍ରୋଟୋକଲ୍ ଅଧୀନରେ ସର୍ବୋଚ୍ଚ ୫ ତାରକା ସୁରକ୍ଷା ମୂଲ୍ୟାୟନ ହାସଲ କରିଛି।

# ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ଆରୋଗ୍ୟ'

ଭୁବନେଶ୍ୱର,୧୯।୯ (ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଏହାର ସିଏସ୍‌ଆର ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟ' ଜରିଆରେ ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଲପଙ୍ଗାରେ ଗ୍ରାମୀଣ ସ୍ୱାସ୍ଥ୍ୟଯତ୍ନକୁ ସୁଦୃଢ଼ କରୁଛି। ପ୍ରକଳ୍ପ ଏହାର ଗୋଷ୍ଠୀ ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର 'ଫାଷ୍ଟ ଏଡ୍ ସେଣ୍ଟର', ରେଙ୍ଗାଲିରେ 'ଭିଜନ ସେଣ୍ଟର' ଏବଂ ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ 'ସ୍ୱାସ୍ଥ୍ୟ ବାହିନୀ' ଦ୍ୱାରା ମାଗଣା ପରାମର୍ଶ, ଔଷଧ, ରୋଗର ପରୀକ୍ଷା ଏବଂ ଜରୁରୀ ଯତ୍ନ ଆଦି ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟଯତ୍ନ ସେବା ନିକଟବର୍ତ୍ତୀ ଜନସାଧାରଣଙ୍କୁ ଯୋଗାଉଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲ୍‌କୋର ମାଇନିଂ ବିଜିନେସ୍ ହେଡ ଏବଂ ସମ୍ବଲପୁର କ୍ଲଷ୍ଟର ହେଡ କୈଳାସ ପାଣ୍ଡେ କହିଛନ୍ତି ଯେ, ଆମର ବିଶ୍ୱାସ ଯେ ସ୍ୱାସ୍ଥ୍ୟଯତ୍ନ ହେଉଛି ଏକ ମୌମୌଳିକ ବିଷୟ। ସବୁଠାରୁ ଦୁର୍ଗମ ପରିବାରଗୁଡିକ ନିକଟରେ ସମୟୋଚିତ ଭାବରେ ଏବଂ ସୁଲଭ୍ୟ ସ୍ୱାସ୍ଥ୍ୟଯତ୍ନ ଯେଭଳି ପହଞ୍ଚିବ ତାହା ସୁନିଶ୍ଚିତ କରିବାକୁ ପ୍ରୋଜେକ୍ଟ ଆରୋଗ୍ୟ ହେଉଛି ଆମର ପ୍ରତିବଦ୍ଧତା। ବ୍ୟବସାୟିକ କାର୍ଯ୍ୟ ପରିଚାଳନା କରୁଥିବା ଅଞ୍ଚଳର ଜନସମୁଦାୟଙ୍କ କଲ୍ୟାଣକୁ ସମର୍ଥନ କରିବା ନେଇ ଗର୍ବିତ ଅନୁଭବ କରୁଛୁ।

# ବିବିଧତା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ଟିପିସିଓଡିଏଲ୍



ଭୁବନେଶ୍ୱର, ୧୯।୯ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ଦ୍ୱାରା ଏମ୍‌ଡିସି ଭୁବନେଶ୍ୱରରେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାର ଉଦ୍ଦେଶ୍ୟ ଥିଲା 'ଆଫିରମେଟିଭ କମ୍ୟୁନିଟି' ରୁ ଆସିଥିବା ଉଦ୍ୟମୀମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ବ୍ୟବସାୟିକ ଉନ୍ନତି ଓ ବିକାଶକୁ ପ୍ରୋତ୍ସାହନ ଦେବା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ରବି କୁମାର ନାରା, ଜାତୀୟ ଅଧ୍ୟକ୍ଷ – ଡିକ୍କୀ, କୁଙ୍ୱର ଶଶାଙ୍କ,ଅଧ୍ୟକ୍ଷ – ଉତ୍ତର ଭାରତ - ଡିକ୍କୀ, ଦଳିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଦସ୍ୟମାନେ ଏବଂ ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଆଫିରମେଟିଭ୍ କମ୍ୟୁନିଟିର ଉଦ୍ୟମୀମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ। ଏହି ପଦକ୍ଷେପ ସେମାନଙ୍କୁ କେବଳ ବ୍ୟବସାୟିକ ସୁଯୋଗ ଦେବ ନାହିଁ ବରଂ ଓଡ଼ିଶାର ସାମାଜିକ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ଟିପିସିଓଡିଏଲର ସିଇଓ ଅରିଭିନ୍ଦ୍ ସିଂହ ମତ ଦେଇଛନ୍ତି।

# ଆଇଫୋନ୍ ୧୭ ସିରିଜ୍‌ର ବିକ୍ରି ଆରମ୍ଭ



ନୂଆଦିଲ୍ଲୀ, ୧୯।୯ (ସମିସ): ସେପ୍ଟେମ୍ବର ୧୯ରେ ଆପଲ୍ ନୂତନ ଆଇଫୋନ୍ ୧୭ ସିରିଜ୍ ସ୍ମାର୍ଟଫୋନ୍ ବିକ୍ରି ଆରମ୍ଭ କରିଛି। ଆଇଫୋନ୍ କିଣିବା ପାଇଁ ରାତି ଅଧରୁ ଲମ୍ବା ଲାଇନ୍ ଲଗାଇଥିବା ଗ୍ରାହକଙ୍କ ମଧ୍ୟରେ ନୂଆଦିଲ୍ଲୀ, ମୁମ୍ବାଇ,ବାଙ୍ଗାଲୋର ଓ ପୁଣେରେ ଏଭଳି ଷ୍ଟୋର ସମ୍ମୁଖରେ ଧସ୍ତାଧସ୍ତି ଆରମ୍ଭ ହୋଇଥିଲା। ଏଥିରେ ଆଇଫୋନ୍ ୧୭, ଆଇଫୋନ୍ ଏୟାର, ଆଇଫୋନ୍ ୧୭ ପ୍ରୋ ଏବଂ ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ ମଡେଲ ଅନ୍ତର୍ଭୁକ୍ତ। ନୂତନ

**ଅଧ ରାତିରୁ ଲମ୍ବାଧାଡିରେ ଗ୍ରାହକ, ଦଳାଚକଟା**

ଆଇଫୋନ୍ ସିରିଜ୍ କମ୍ପାନୀର ଅଫିସିଆଲ୍ ୱେବସାଇଟ୍ ଏବଂ ଆପଲ୍ ଷ୍ଟୋର୍ ରୁ ଅର୍ଡର କରାଯାଇପାରିବ। ଏହାକୁ ଫ୍ଲିପକାର୍ଟ ଏବଂ ଆମାଜନ ଭଳି ଇ-କମର୍ସ ୱେବସାଇଟ୍ ରୁ ମଧ୍ୟ କିଣାଯାଇପାରିବ। ଆପଲ୍‌ର ଏହି ସର୍ବାଧିକ ପତଳା ଆଇଫୋନ୍‌ର ମୂଲ୍ୟ ୧.୨୦ ଲକ୍ଷ ଟଙ୍କା।

# ସେମିଲିଗୁଡ଼ା ଶିଳ୍ପ ପ୍ରକଳ୍ପରେ ଗ୍ରୀନପ୍ଲାଏ ୬୦୦ କୋଟି ଖଟାଇବ

ଭୁବନେଶ୍ୱର, ୧୯।୯ (ସମିସ): ଗ୍ରୀନପ୍ଲାଏ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କୋରାପୁଟ ସେମିଲିଗୁଡ଼ା ଶିଳ୍ପ ପ୍ରକଳ୍ପରେ ଏହାର ନୂତନ ସମନ୍ୱିତ କାଠ ପ୍ୟାନେଲ୍ ଉତ୍ପାଦନ ଘୋଷଣା କରିଛି। ଏହି ପ୍ରକଳ୍ପରେ କମ୍ପାନୀ ୬୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବ ବୋଲି କହିଛି। ଭୁବନେଶ୍ୱରରେ ପ୍ରକଳ୍ପକୁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଗ୍ରୀନପ୍ଲାଏ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ସିଏମ୍‌ଡି ରାଜେଶ ମିତ୍ତଲଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ଜମି ଆବଣ୍ଟନ, ସିଙ୍ଗଲ-ୱିଣ୍ଡୋ କ୍ଲିୟରାନ୍ସ ଏବଂ ଅନୁମୋଦନ କ୍ଷେତ୍ରରେ ରାଜ୍ୟର ସମର୍ଥନ ଏହି ଦୃଷ୍ଟିକୋଣକୁ ଜୀବନ୍ତ କରିବାରେ ସହାୟକ ହୋଇଛି। ଆମର ପ୍ଲାଏଉଡ୍ ଏବଂ ଏମ୍‌ଡିଏଫ୍ ୟୁନିଟ୍ କେବଳ ନିଯୁକ୍ତି ସୃଷ୍ଟି କରିବ ନାହିଁ ବରଂ ସ୍ଥାୟୀ କୃଷି ବନୀକରଣ-ଭିତ୍ତିକ ଅଭିବୃଦ୍ଧିକୁ ମଧ୍ୟ ଆଙ୍କିବ, ଯାହା ସ୍ଥାନୀୟ ସମ୍ପ୍ରଦାୟ ଏବଂ ଶିଳ୍ପ ଉଭୟ ପାଇଁ ମୂଲ୍ୟ ସୃଷ୍ଟି ନିଶ୍ଚିତ କରିବ ବୋଲି ଶ୍ରୀ ମିତ୍ତଲ କହିଛନ୍ତି।




# ଚାନ୍ଦି ଭଣ୍ଡାର ପକ୍ଷରୁ 'ନବକୃତି'ସମ୍ଭାର

ଭୁବନେଶ୍ୱର,୧୯।୯ (ସମିସ): ଚାନ୍ଦି ଭଣ୍ଡାର ଚଳିତ ପାର୍ବଣରେ ଏହାର ଗ୍ରାହକମାନଙ୍କ ଲାଗି ଆଣିଛି ଅକ୍ସିଡାଇଜ୍ଡ ରୁପା ଗହଣା ସମ୍ଭାର 'ନବକୃତି' ଏହା ଏକ ଗହଣା ସମ୍ଭାର, ଯାହା ନବରାତ୍ରିର ଆତ୍ମାରୁ ଆକାର ଗ୍ରହଣ କରେ। 'ନବକୃତି' ଶବ୍ଦ ଅର୍ଥ ୯ଟି ସୃଷ୍ଟି । ଏହି କଲେକ୍ସନକୁ ପରିଭାଷିତ କରୁଥିବା ୯ଟି ରତ୍ନପଥରର ପ୍ରତୀକ- ମା' ଦୁର୍ଗାଙ୍କ ୯ଟି ରୂପ ଏବଂ




ଉତ୍ସବର ୯ଟି ସ୍ପନ୍ଦନଶୀଳ ରଙ୍ଗ ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ସୁନ୍ଦର ଅକ୍ସିଡାଇଜ୍ଡ ଫିନିସ୍ ସହିତ ଖାଣ୍ଟି ଷ୍ଟର୍ଲିଂ ରୁପାରେ ତିଆରି 'ନବକୃତି' କଲେକ୍ସନର ପ୍ରତ୍ୟେକ ପିସ୍ ୯ଟି ପବିତ୍ର ନବରତ୍ନ ମଣିପଥରରେ ସଜ୍ଜିତ। ରତ୍ନପଥରଗୁଡ଼ିକ ହେଉଛି, ରୁବି, ମୁକ୍ତା, ଲାଲ ପ୍ରବାଳ (ସିନ୍ଥେଟିକ୍), ଏମରାଲ୍ଡ, ୟେଲୋ ସାଫାୟାର, ବ୍ଲୁ ସାଫାୟାର, ହେଜୋନାଇଟ୍, କ୍ୟାଟ୍ ଆଇ ଏବଂ ଜିକନ(ସିନ୍ଥେଟିକ୍)। ୭ଟି ବାସ୍ତବ ରତ୍ନପଥର ଏବଂ ଦୁଇଟି ଅତି ଯତ୍ନର ସହ ଚୟନ ହୋଇଥିବା ସିନ୍ଥେଟିକ୍ ରତ୍ନପଥର ସହିତ ଏହି କଲେକ୍ସନ ଐତିହ୍ୟ, ପ୍ରାମାଣିକତା ଏବଂ ଆଧୁନିକ ସୁଗମତାକୁ ସନ୍ତୁଳିତ କରେ। ନୂଆ କଲେକ୍ସନର ବଜାର ପ୍ରବେଶ ରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ନବକୃତି କଲେକ୍ସନ ସହିତ ଆମେ ଉକ୍ତ ଯୋଶ୍‌କୁ ରୁପା ଗହଣାରେ କଏଦ୍ କରିବାକୁ ଚାହିଁଲୁ। ପାର୍ବଣ ଲାଗି ଚାନ୍ଦି ଭଣ୍ଡାର ସମସ୍ତ ନବକୃତି କଲେକ୍ସନର ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି ପ୍ରଦାନ କରୁଛି।

**ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି**

### ସେପ୍ଟେମ୍ବର ୨୨ରୁ ନୂଆ ଜିଏସ୍‌ଟି ହାର

# କମିବନି ଏଲ୍‌ପିଜି ସିଲିଣ୍ଡରର ଦର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି)

ସେପ୍ଟେମ୍ବର ୨୨ ଅର୍ଥାତ୍ ସୋମବାର ଠାରୁ ସାରା ଦେଶରେ ଲାଗୁ ହେବ ନୂଆ ଦ୍ରବ୍ୟ ଏବଂ ସେବା ଟିକସ( ଜିଏସଟି) ହାର। ଏଥିଯୋଗୁ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ଅନେକ ସାମଗ୍ରୀ ଶସ୍ତା ହୋଇଯିବ। ହେଲେ ଦୀର୍ଘ ଦିନ ହେବ ଉଚ୍ଚରେ ଥିବା ଏଲପିଜି ସିଲିଣ୍ଡର ବା ରନ୍ଧନ ଗ୍ୟାସ୍ କ୍ଷେତ୍ରରେ ଖାଉଟିଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିବ ନାହିଁ। ସୂଚନାଯୋଗ୍ୟ ଯେ, ଘରେ ଘରେ ବ୍ୟବହାର ହେଉଥିବା ଏଲପିଜି ଉପରେ ମଧ୍ୟ ଜିଏସ୍‌ଟି ଲାଗୁଛି। ତେଣୁ ଏଠାରେ ପ୍ରଶ୍ନ ଉଠେ ଯେ, ବିଭିନ୍ନ ସାମଗ୍ରୀ ଏବଂ ସେବାରେ ସରକାର ଜିଏସ୍‌ଟି ହ୍ରାସ କରିଥିବାବେଳେ ଏଲ୍‌ପିଜି ସିଲିଣ୍ଡର ଉପରେ କୌଣସି ପ୍ରକାର ଟିକସ ହ୍ରାସ ହୋଇନାହିଁ। ତେଣୁ ସେପ୍ଟେମ୍ବର ୨୨ରେ ଏଲପିଜି ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ।

ସେପ୍ଟେମ୍ବର ୩ରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ଏଲପିଜି ସିଲିଣ୍ଡର ଉପରେ ଲାଗୁ ହେଉଥିବା ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏଣୁ ସେପ୍ଟେମ୍ବର ୨୨ରେ ଲାଗୁ ହେଉଥିବା ନୂଆ ଜିଏସଟି ହାରରେ କୌଣସି ପରିବର୍ତ୍ତନ ହେବନାହିଁ। ଏଥିପାଇଁ ବଜାରରେ ଘରୋଇ ଓ ବାଣିଜ୍ୟକ ଏଲପିଜି ସିଲିଣ୍ଡର ମୂଲ୍ୟ ଯାହା ଥିଲା ତାହା ରହିବ। ଅର୍ଥାତ ସାଧାରଣ ଗ୍ରାହକଙ୍କୁ ଜିଏସଟି ହ୍ରାସ ଯୋଗୁ ସିଲିଣ୍ଡର ମୂଲ୍ୟରେ କୌଣସି ପ୍ରକାରର ରିଆତି ମିଳିବନାହିଁ। ସୂଚନାଯୋଗ୍ୟ ଯେ, ଘରୋଇ ସବ୍‌ସିଡି ଏଲପିଜି ସିଲିଣ୍ଡର ଉପରେ ପୂର୍ବରୁ ୫% ଜିଏସ୍‌ଟି ଲାଗୁ ହେଉଥିଲା। ସେହିପରି ଅଣ-ସବ୍‌ସିଡି ସିଲିଣ୍ଡର ଉପରେ ମଧ୍ୟ ୫% ଜିଏସ୍‌ଟି ରହିଛି। ଅପରପକ୍ଷେ ବାଣିଜ୍ୟକ ଏଲ୍‌ପିଜି ସିଲିଣ୍ଡର ଯାହା ପ୍ରାୟତଃ ହୋଟେଲ, ଢାବା, ରେସ୍ତୋରାଁ ଓ ଇଣ୍ଡଷ୍ଟ୍ରିଆଲ ହିଟିଂ ନିମନ୍ତେ ଉପଯୋଗରେ ଆସିଥାଏ ତା ଉପରେ ଲାଗୁ ହେଉଥିବା ୧୮% ଜିଏସ୍‌ଟି ଅପରିବର୍ତ୍ତିତ ରହିଛି। ଏଣୁ




ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମଧ୍ୟ ସେପ୍ଟେମ୍ବର ୨୨ ପରେ ସମାନ ଦରରେ ଉପଲବ୍ଧ ହେବ ଯାହା ପୂର୍ବରୁ ଥିଲା।

ଉଲ୍ଲେଖଯୋଗ୍ୟ ଯେ ଜିଏସ୍‌ଟି ପରିଷଦ ବୈଠକରେ ଏଫ୍‌ଏମ୍‌ସିଜିଠାରୁ ଆରମ୍ଭ କରି ହେଲଥ ସମ୍ପର୍କିତ ପ୍ରଡକ୍ଟସ, ଶିକ୍ଷା, ଇଲକ୍ଟ୍ରୋନିକ୍ସ, କୃଷି ଯନ୍ତ୍ରାଂଶ, ବୀମା ଓ ଅଟୋମୋବାଇଲ ପର୍ଯ୍ୟନ୍ତ ଅନେକ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ ଘୋଷଣା ହୋଇଛି। ବୈଠକର ନିଷ୍ପତ୍ତି ଅନୁସାରେ ଏବେ ଜିଏସ୍‌ଟି ବ୍ୟବସ୍ଥାରେ ୨ଟି ସ୍ଲାବ ୫ ଓ ୧୮% ରହିବ। ତେବେ ପୂର୍ବରୁ ଥିବା ୧୨ ଓ ୨୮%କୁ ସ୍ଲାବ୍‌କୁ ହଟାଇ ଦିଆଯାଇଛି।

